# ଛୁଟିଦିନ



# ପଞ୍ଚ ପବିତ୍ର

୩
ପ୍ରଚ୍ଛଦ ପ୍ରସଙ୍ଗ


ପଞ୍ଚ ବା ପାଞ୍ଚ କେବଳ ଏକ ସଂଖ୍ୟା ନୁହେଁ, ହିନ୍ଦୁଧର୍ମରେ ଏହା ପବିତ୍ରତାର ଆଉ ଏକ ନାଁ କାରଣ ପୂଜାବିଧିଠାରୁ ଆରମ୍ଭ କରି କର୍ମକାଣ୍ଡ ଯାଏ ସବୁଠି ଦେଖିବାକୁ ମିଳେ ପାଞ୍ଚର ସମାହାର...

୮/୯
ସିନେମା

୧୩
ସହରଠୁ ଦୂର



# ଶାନ୍ତି ଓ ସମୃଦ୍ଧି ଆଣେ ମୟୁର ପର



**ମୟୁର ପରରେ ଘର ସଜେଇବାକୁ ଅନେକ ପସନ୍ଦ କରନ୍ତି। ତେବେ ଏହା କେବଳ ଦେଖିବାକୁ ସୁନ୍ଦର ନୁହେଁ ବାସ୍ତୁ ଅନୁଯାୟୀ ଏଥିରେ ଘର ସଜାଇଲେ ଘରେ ସକାରାତ୍ମକ ପ୍ରଭାବ ପଡ଼ିଥାଏ...**

**ନକାରାତ୍ମକ ଶକ୍ତିରୁ ରକ୍ଷା କରେ :** କାର୍ତ୍ତିକେଶ୍ୱରଙ୍କର ବାହନ ହେଉଛି ମୟୂର । ସେଥିପାଇଁ ମୟୂର ପର ଘରେ ରଖିଲେ ଏହା ଭୟ ଦୂର କରିଥାଏ ଏବଂ ନକାରାତ୍ମକ ପ୍ରଭାବରୁ ଘରକୁ ରକ୍ଷା କରିଥାଏ ।

**ଧନ ବୃଦ୍ଧି କରେ :** ବାଣିଜ୍ୟ ବ୍ୟବସାୟରେ ବାରମ୍ବାର କ୍ଷତି ହେଉଥିଲେ, ବାସ୍ତୁ ଅନୁଯାୟୀ ଟଙ୍କା ରହୁଥିବା ବାକ୍ସ ବା ଘରର ଦକ୍ଷିଣ ଦିଗରେ ସାତଟି ମୟୂର ପର ରଖିଲେ ବ୍ୟବସାୟରେ ଉନ୍ନତି ହୋଇଥାଏ ଓ ଧନ ବୃଦ୍ଧି ହୋଇଥାଏ ।

**ପାଠପଢ଼ାରେ ଆଗ୍ରହ ବଢ଼େ :** ପିଲାଙ୍କ ପଢା ଟେବୁଲ ବା ପିଲାଙ୍କ ରୁମ୍‌ରେ ଗୋଟିଏ ବା ଦୁଇଟି ମୟୂର ପର ରଖନ୍ତୁ । ଏହା ଦ୍ୱାରା ପିଲାଙ୍କର ପାଠ ପଢାରେ ଆଗ୍ରହ ବଢିବା ସହ ଅନ୍ୟ କାର୍ଯ୍ୟ ଯଥା– ନାଚ, ଗୀତ, ଚିତ୍ରକଳାରେ ମଧ୍ୟ ରୁଚି ବଢିଥାଏ ।

**ସରୀସୃପଙ୍କଠାରୁ ରକ୍ଷା କରେ:** ଝିଟିପିଟି, ଅସରପା, ସାପ ଆଦି ସରୀସୃପ ପ୍ରାଣୀ ଘର ଭିତରେ ରହି ବା ପଶି ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରନ୍ତି । ତେଣୁ ଶୋଇବା ଘରର କବାଟ ପାଖରେ ୨–୩ଟି ମୟୂର ପର ରଖିଲେ ଏହା ସରୀସୃପଙ୍କୁ ଦୂରେଇ ରଖେ ।

**ପରିବାର ଶାନ୍ତି ଆସେ :** ପରିବାର ମଧ୍ୟରେ ଶାନ୍ତିରେ ରହିବା ପାଇଁ ସାତଟି ମୟୂର ପରକୁ ବାସଗୃହର ପୂର୍ବ କୋଣରେ ଟଙ୍ଗାଇଲେ ପରିବାର ମଧ୍ୟରେ କଳହ ହ୍ରାସ ପାଏ ।

**ସମ୍ପର୍କ ଦୃଢ କରେ :** ଶୋଇବା ଘରେ ଖଟ ପାଖ କାନ୍ଥରେ ୨ଟି ମୟୂର ପର ଟଙ୍ଗାଇଲେ ସ୍ୱାମୀ–ସ୍ତ୍ରୀ ମଧ୍ୟରେ ଥିବା ସମ୍ପର୍କ ଦୃଢ ହୋଇଥାଏ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୨୨-୨୮

**ମେଷ**
ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ ହେବ, ଘର ସାଜସଜ୍ଜା କରିବେ, ସମ୍ପର୍କୀୟ ବନ୍ଧୁଙ୍କ ସାହାଯ୍ୟ, ଭ୍ରମଣ ହେତୁକ କ୍ଲାନ୍ତି, ଭ୍ରାତୃ ସମ୍ପର୍କ ବୃଦ୍ଧି, ଅର୍ଥ ଉପାର୍ଜନରେ ସଫଳ, କାର୍ଯ୍ୟସିଦ୍ଧିରୁ ଆତ୍ମତୃପ୍ତି, ସହକର୍ମୀମାନଙ୍କ ସହଯୋଗ ।

**ବୃଷ**
ପାରିବାରିକ ସମସ୍ୟା, ଭାବ ପ୍ରବଣତାରୁ ମନସ୍ତାପ, ମନୋବଳ ହ୍ରାସ ପାଇବ, ନିର୍ମାଣ ଶେଷ ପର୍ଯ୍ୟାୟକୁ ଯିବ, ବ୍ୟବସାୟରେ ଉନ୍ନତି, ଚଳଚ୍ଚିତ୍ରରେ ସମସ୍ୟା, ବିବାଦୀୟ ପରିସ୍ଥିତିର ମୁକାବିଲା ।

**ମିଥୁନ**
କର୍ମକ୍ଷେତ୍ରରେ ବିଶୃଙ୍ଖଳା, ଭ୍ରମଣ ଯୋଗୁ ଅବସାଦ, ସନ୍ତାନହେତୁକ ଦ୍ୱନ୍ଦ୍ୱ, ଅତିଥିସେବାର ସୁଯୋଗ, ବନ୍ଧୁଙ୍କ ଆଚରଣରେ ସନ୍ଦେହ, ବାଦବିବାଦର ଜଟିଳତା, ପରିବହନରେ କ୍ଷତିର ଆଶଙ୍କା ।

**କର୍କଟ**
ସମ୍ମାନ ଲାଭ, ମାନସିକ ଶାନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥ ସଙ୍କଟ, ସଂସ୍କୃତି ଜ୍ଞାନ ବଢିବ, ଭ୍ରମଣକାଳରେ କ୍ଲେଶ, ଭ୍ରାତୃ ସମ୍ପର୍କରେ ଉନ୍ନତି, ଶିକ୍ଷାରେ ସଫଳତା, ମିଥ୍ୟା ଗୁଜବରୁ ବ୍ୟସ୍ତତା, କର୍ମ ତତ୍ପରତା ବୃଦ୍ଧି ।

**ସିଂହ**
ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ମନୋରଞ୍ଜନରେ ଆଗ୍ରହ, ସ୍ତ୍ରୀଙ୍କ ପ୍ରେରଣାରୁ ଲାଭ, ବ୍ୟୟାଧିକ୍ୟରୁ ମନସ୍ତାପ, ପିଲାମାନଙ୍କ ଉଚ୍ଚଶିକ୍ଷା, ନୂତନ ନିଯୁକ୍ତିର ସୁଯୋଗ, ଜମାରାଶି ପାଇବେ ।

**କନ୍ୟା**
କାର୍ଯ୍ୟସିଦ୍ଧି, ସମ୍ପର୍କୀୟଙ୍କ ସହ ମିତ୍ରତା, ଯୋଗାଣ କାରବାରରେ ଉନ୍ନତି, ମାନସିକ ଆବେଗରୁ ଆତୁରତା, ଭାବପ୍ରବଣତା ବୃଦ୍ଧି, ଆର୍ଥିକ ସମସ୍ୟା, ମାନସିକ ବିଷାଦ, କାର୍ଯ୍ୟରେ ସଫଳତା, ଅଣ୍ଡାଜନିତ ପୀଡା ।

**ତୁଳା**
ବନ୍ଧୁ ମିଳନରୁ ଆନନ୍ଦ, ଭ୍ରମଣ ସୁଯୋଗ ଜୁଟିବ, କ୍ଳାନ୍ତିବୋଧ କରିବେ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଋଣଗ୍ରସ୍ତ ହେବେ, ସମସ୍ୟାର ସମାଧାନ, ଯାନବାହନରେ ତ୍ରୁଟି, ପଡୋଶୀଙ୍କ ପରାମର୍ଶ, ପାରିବାରିକ ସହଯୋଗ, ବିଦେଶ ଯାତ୍ରା ।

**ବିଛା**
ଦୂରଯାତ୍ରାର ଯୋଜନା, ନୂତନ କର୍ମାରମ୍ଭର ପ୍ରସ୍ତୁତି, ଶୁଭଖବର ପ୍ରାପ୍ତି, ବିବାଦର ଅବସାନ, ରୋଗପୀଡା ହ୍ରାସ, ନିଜ ପରିସରରେ ସମ୍ମାନ, ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ, ନିଃସଙ୍ଗତା ବୋଧ କରିବେ, ବନ୍ଧୁପ୍ରସ୍ତାବ ଆସିବ ।

**ଧନୁ**
କର୍ମକ୍ଷେତ୍ରରେ ବିବାଦ, ବନ୍ଧୁଙ୍କୁ ଭେଟିପାରନ୍ତି, କାମରେ ଅବହେଳା, ପାରିଶ୍ରମିକ କମ୍ ପାଇବେ, ସୁସ୍ଥତା ବ୍ୟାହତ ହେବ, କାର୍ଯ୍ୟରେ ସଫଳତା, ଶତ୍ରୁ ଉପଦ୍ରବ ହ୍ରାସ, ସଙ୍ଗୀତ ଶିକ୍ଷାରେ ଆଗ୍ରହ, ଗବେଷଣାରେ ଅଗ୍ରଗତି ।

**ମକର**
ଯୋଜନାରମ୍ଭରେ କୁଶଳ, ପଡୋଶୀଙ୍କ ସୁପରାମର୍ଶ, ଯାନବାହନ କ୍ରୟ, ନିର୍ମାଣରେ ଦ୍ୱନ୍ଦ୍ୱ, ଯାତ୍ରାରେ ଲକ୍ଷ୍ୟପୂରଣ, ବନ୍ଧୁସମ୍ପର୍କ ବୃଦ୍ଧି, ଅଶୌଚ ଖବର ପ୍ରାପ୍ତି, କରଜଦାତାଙ୍କ ଚାପ ବୃଦ୍ଧି ।

**କୁମ୍ଭ**
ନିରୁତ୍ସାହିତ ରହିବେ, କାର୍ଯ୍ୟହାନିରୁ କ୍ଷୋଭ, ଆଲୋଚନାରେ ତର୍କ, ଧର୍ମକାର୍ଯ୍ୟରେ ରୁଚି, ଶତ୍ରୁତାରୁ କାର୍ଯ୍ୟହାନି, ସମ୍ପର୍କହାନିରୁ ଦୁଃଖ, ଆରୋଗ୍ୟ ଲାଭରୁ ଆଶ୍ୱସ୍ତି, ପ୍ରାପ୍ୟଧନରେ ବାଧା ।

**ମୀନ**
ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା, ସାମାଜିକ ସ୍ତରରେ ପ୍ରଶଂସା, କର୍ମକ୍ଷେତ୍ରରେ ବିତର୍କ, ପ୍ରକାଶନରେ ସମସ୍ୟା, ପ୍ରଶାସନିକ ସଫଳତା, ଆଇନ ସହାୟତା ଲୋଡିବେ, ପ୍ରତିକୂଳତା ବଢିବ, ପ୍ରତ୍ୟୁଷ ଯାତ୍ରାରେ ସଫଳତା, ପ୍ରତୀକ୍ଷିତ ଖବରପାଇବେ, କାମ ଅଟକିବ ନାହିଁ ।

# ଏରୋପ୍ଲେନ୍ ଘର

ସମସ୍ତଙ୍କର ଇଚ୍ଛା ନିଜର ଏକ ସୁନ୍ଦର ଘର କରିବା, ଯାହା ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ହୋଇଥିବ । ଏମିତି ଏକ ସ୍ୱପ୍ନ ଥିଲା ଆମେରିକାର ୬୪ ବର୍ଷୀୟ ବ୍ୟକ୍ତି ବ୍ରୁସ୍ କ୍ୟାମବେଲ୍‌ଙ୍କର, ଯେଉଁଥିପାଇଁ ସେ ଏରୋପ୍ଲେନ୍‌କୁ ଘରର ରୂପ ଦେଇଛନ୍ତି । ଜଙ୍ଗଲ ମଝିରେ ଏରୋପ୍ଲେନ୍ ଏବଂ ଏରୋପ୍ଲେନ ଭିତରେ ସୁନ୍ଦର, ଆକର୍ଷଣୀୟ ଓ ଆରାମଦାୟକ ଘର । ଯାହା ହେଉଛି ପୃଥିବୀର ଅଜବ ଘର ମଧ୍ୟରୁ ଅନ୍ୟତମ । ବ୍ରୁସ୍ ହେଲେ ଜଣେ ଅବସରପ୍ରାପ୍ତ ଇଲେକ୍ଟ୍ରିକାଲ ଇଞ୍ଜିନିୟର । ସେ ୨୦ ବର୍ଷ ବୟସ ବେଳେ ଓରେଗନ୍‌ର ହିଲସ୍‌ବୋରୋ ଜଙ୍ଗଲ ନିକଟରେ ୧୦ ଏକର ଜାଗାକୁ ୨୩,୦୦୦ ଡଲାରରେ



କିଣିଥିଲେ । ପରେ ସେ ନିଜ ଘରକୁ ଅନ୍ୟମାନଙ୍କଠାରୁ କିଛି ନିଆରା ଓ ଅଲଗା ଢଙ୍ଗରେ ତିଆରି କରିବା ପାଇଁ ଏକ ପୁରୁଣା ଏରୋପ୍ଲେନ୍ କିଣି ତାକୁ ଘର ଭାବେ ତିଆରି କରିଛନ୍ତି । ଏଥିରେ ବେଡରୁମ୍, ଡ୍ରଇଂରୁମ୍, କିଚେନ୍, ବାଥରୁମ୍ , ହୋମ୍ ଥିଏଟର୍ ଆଦିର ସୁବିଧା ରହିଛି ।

# ପାଠକୀୟ

‣ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ପିଲାଙ୍କ ଦୁନିଆ'ରେ ପିଲାଙ୍କ ସମସ୍ୟାକୁ ବହୁତ ଭଲଭାବେ ଉପସ୍ଥାପନ କରାଯାଇଥିଲା । ଅଟୋ ରିକ୍ସାରେ ଘର ପାଠଟି ଚମତ୍କାର ଥିଲା । ସୃଜନର ଗପ କବିତାଗୁଡିକ ମନଛୁଆଁ ଥିଲା । ଦୀପାବଳି ପାଇଁ ପ୍ରସ୍ତୁତ ସ୍ୱତନ୍ତ୍ର ଆଲେଖ୍ୟଗୁଡିକ ବି ଭଲ ଲାଗିଲା ।

*–ମନୋରଞ୍ଜନ ବାରିକ, ବାଙ୍କି*

‣ 'ଦୀପାବଳିରେ ସଜାନ୍ତୁ ଘର' ପାଠଟି ବେଶ୍ ଉପଯୋଗୀ ଥିଲା । ପ୍ରଚ୍ଛଦ ପ୍ରସଙ୍ଗ 'ପିଲାଙ୍କ ଦୁନିଆ' ବି ଭଲ ଲାଗିଲା । ଆଜିକାଲିର ବାଲ୍ୟ ଜୀବନକୁ ବେଶ୍ ଭଲ ଭାବେ ତର୍ଜମା କରାଯାଇଛି । ଅନେକରେ ଏକ ବାସୁଦେବ ପାଠଟିରୁ ବାସୁଦେବ ମାଳବିଶୋଇଙ୍କ ସମ୍ପର୍କରେ ଅନେକ କିଛି ଜାଣି ହେଲା । ସିନେମା ପୃଷ୍ଠାରେ 'ଡେଟ୍ ପାଇଁ ସମସ୍ୟା', 'ଦିନ ଗଣୁଛନ୍ତି କ୍ୟାଟ୍ରିନା' ପାଠ ଭଲ ଲାଗିଲା ।

*– ସୁବାସ ପତି, ଚରମ୍ପା, ଭଦ୍ରକ*

‣ ସହରଠୁ ଦୂରରେ 'ପ୍ରାକୃତିକ ବୈଭବରେ ଭରା ରାଜସ୍ଥାନ' ବହୁତ ଭଲ ଲାଗିଲା । ରାଜସ୍ଥାନର ସବୁ ପର୍ଯ୍ୟଟନସ୍ଥଳ ବେଶ୍ ସୁନ୍ଦର । ସାଥୀ ସ୍ତମ୍ଭ ମୋର ବହୁତ ପ୍ରିୟ । ଏଥରର ପ୍ରଶ୍ନ ଉତ୍ତରଗୁଡିକ ମୋର ମନକୁ ଛୁଇଁଗଲା । ପ୍ରଥମ ରୋଜଗାର ସ୍ତମ୍ଭଟି ବହୁତ ଭଲ ହେଉଛି । ଦାମୀ ଟି'ପଟ୍ ପାଠଟି ପଢି ଆଶ୍ଚର୍ଯ୍ୟ ଲାଗିଲା । *–ଚିତ୍ତରଞ୍ଜନ ବେହେରା, ଗୋପ, ପୁରୀ*

‣ ମଡେଲ ମିରର୍‌ର ଫଟୋଟି ଏଥର ବହୁତ ସୁନ୍ଦର ହୋଇଥିଲା । ବିସ୍କୁଟ ଖାଇ ୪୦ ଲକ୍ଷ ଦରମା ପାଇବା ପାଠଟି ମତେ ବହୁତ ଭଲ ଲାଗିଲା । କାର୍ଟୁନ କର୍ନର ବି ମଜାଦାର ଥିଲା । ଏତେ ମାସ ପରେ ସାଥୀଙ୍କର ମଜାଦାର ଉତ୍ତର ସବୁ ପଢି ଖୁସି ଲାଗିଲା । କ୍ୟାଣ୍ଡେଲ ନିଜେ କରନ୍ତୁ, ଘର ସଜାନ୍ତୁ ପାଠଟିରୁ ଭଲ ଟିପ୍ସ ସବୁ ମିଳିଲା ।

*–ମାନମୟୀ ପଣ୍ଡା, ସମ୍ବଲପୁର*

‣ ବ୍ୟାକ୍‌ପେଜ୍‌ର କୁନି ବୈଜ୍ଞାନିକ ଗୀତାଞ୍ଜଳିଙ୍କ ଉଦ୍ଭାବନ ସତରେ ବେଶ୍ ଉପଯୋଗୀ । ସବୁଠୁ ବଡ଼ ଦୀପ ପାଠଟି ବି ଭଲ ଲାଗିଲା । ହାଃ ହାଃ ବେଶ୍ ମଜାଦାର ଥିଲା । ସୃଜନ ପୃଷ୍ଠାର ସବୁ ଗପକବିତା ବେଶ୍ ମନଛୁଆଁ ଥିଲା । ମଡେଲ ମିରର୍‌ରେ ମୋନାଲିସାଙ୍କ ଫଟୋ ବେଶ୍ ଆକର୍ଷକ ଥିଲା ।

*–କରମଚାନ୍ଦ ପ୍ରଧାନ, ରାୟଗଡା*

‣ ଏଥରର ସାଥୀ, ସିନେମା, ପ୍ରଚ୍ଛଦ ପ୍ରସଙ୍ଗ ବହୁତ ଭଲ ଲାଗିଲା । ଦାମୀ ଟି'ପଟ୍ ପାଠଟି ବେଶ୍ ମନଛୁଆଁ ଥିଲା । ଅନେକରେ ଏକ ବାସୁଦେବ ବିଷୟଟି ଭଲ ଥିଲା । ଓଡିଶାର ସେମିତି ଆଉ କେତେଜଣ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଦେଲେ ଭଲ ଲାଗିବ । *–କୁନ୍‌ମୁନ୍ ପରିଡା, ଜଗତ୍‌ସିଂହପୁର*

‣ 'ଦୀପାବଳିରେ ସଜାନ୍ତୁ ଘର', ଦାମୀ ଟି'ପଟ୍ ପାଠ ବହୁତ ଭଲ ଲାଗିଲା । ହାଃ ହାଃ ଓ କାର୍ଟୁନ କର୍ନର ମଜାଦାର ଥିଲା । ପ୍ରଚ୍ଛଦ ପ୍ରସଙ୍ଗ ବେଶ୍ ଶିକ୍ଷଣୀୟ ଥିଲା । ବ୍ୟାକ୍‌ପେଜ୍‌ର ଛୋଟ ପାଠଗୁଡିକ ବହୁତ ଭଲ ଲାଗିଲା ।

*–ରଜନୀ ରଞ୍ଜନ ହାଁସଦା, କେନ୍ଦୁଝର*

## ବିଶେଷ ଚିଠି



ଛୁଟିଦିନ, ଛୁଟିଦିନ ସମସ୍ତଙ୍କର ସେ ପ୍ରିୟ
ଫେରି ଆସିଛି ସେପୁଣି ନୂଆ କଳେବରରେ
ମନ ମୋହୁଛି କିଛି ନୂଆ ଢଙ୍ଗରେ ।
ମନ ବୁଝି ପରଷିଦେଉଛି ଯେତେସବୁ ମନଛୁଆଁ ଲେଖା ।
ଭାରି ଭଲ ଲାଗେ ପ୍ରଚ୍ଛଦ ପ୍ରସଙ୍ଗ, ସାଥୀ ଓ ସିନେମା
ହସି ହସି ବେଦମ୍ କରାଏ ହାଃ ହାଃ, କାର୍ଟୁନ କର୍ନର
ସହରଠୁ ଦୂର କହେ ଦୂର ରାଇଜର କଥା ।

*–ଟଗଲା ସାହୁ, ନୂଆଗାଁ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

ପଞ୍ଚ ବା ପାଞ୍ଚ କେବଳ ଏକ ସଂଖ୍ୟା ନୁହେଁ, ହିନ୍ଦୁଧର୍ମରେ ଏହା ପବିତ୍ରତାର ଆଉ ଏକ ନାଁ କାରଣ ପୂଜାବିଧିଠାରୁ ଆରମ୍ଭ କରି କର୍ମକାଣ୍ଡ ଯାଏ ସବୁଠି ଦେଖିବାକୁ ମିଳେ ପାଞ୍ଚର ସମାହାର...



# ପଞ୍ଚ ପବିତ୍ର

**ପଞ୍ଚାମୃତ–** ଦୁଧ(କ୍ଷୀର), ଦହି, ଘୃତ(ଘିଅ), ମଧୁ(ମହୁ), ଶର୍କରା ଭଳି ଅମୃତ ତୁଲ୍ୟ ପଦାର୍ଥର ମିଶ୍ରଣରେ ପଞ୍ଚାମୃତ ପ୍ରସ୍ତୁତ କରାଯାଏ। ଏହାଦ୍ୱାରା ଦେବତାମାନଙ୍କୁ ସ୍ନାନ ଓ ପ୍ରତିଷ୍ଠା କରାଯାଇଥାଏ। ଉଭୟ ହିନ୍ଦୁ ଓ ଜୈନ ଧର୍ମରେ ପୂଜା ଓ ଅଭିଷେକ ପାଇଁ ପଞ୍ଚାମୃତକୁ ବ୍ୟବହାର କରାଯାଏ। ପୂଜା ଓ ଅଭିଷେକରେ ବ୍ୟବହାର ପରେ ଏହାକୁ ପ୍ରସାଦଭାବେ ବଣ୍ଟନ ହୋଇଥାଏ। ଧାର୍ମିକ ଦୃଷ୍ଟିରୁ ଏହାର ମହତ୍ତ୍ୱ ଯେତିକି ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ଉପକାରୀ। ଏହାକୁ ପାନ କଲେ ସକାରାତ୍ମକ ଉର୍ଜା ସଞ୍ଚାର ହୁଏ। ସକାରାତ୍ମକ ଭାବ ଓ ବିଚାର ସୃଷ୍ଟିହୁଏ। ଏଥିରେ ରୋଗ ପ୍ରତିରୋଧକ ଶକ୍ତି ବି ରହିଛି। ଏହା ଗର୍ଭବତୀମାନଙ୍କୁ ଗର୍ଭ ଶୋଧନାର୍ଥେ ମଧ୍ୟ ଦିଆଯାଇଥାଏ।

**ପଞ୍ଚଗବ୍ୟ –** ଭାରତୀୟ ଦେଶୀ ଗୋବଂଶଙ୍କଠାରୁ ପ୍ରାପ୍ତ ଗବ୍ୟ ଦୁଧ, ଗୋବର ଓ ଗୋମୂତ୍ର ସହିତ ଉପଗବ୍ୟ ଦହି, ଘିଅ ଏକ ନିର୍ଦ୍ଦିଷ୍ଟ ଅନୁପାତରେ ମିଶାଇ ପଞ୍ଚଗବ୍ୟ ପ୍ରସ୍ତୁତ କରାଯାଏ। ଆୟୁର୍ବେଦ ଶାସ୍ତ୍ର ଅନୁଯାୟୀ ଏହା ଏକ ବିଶେଷ ଔଷଧି ଅଟେ। ହିନ୍ଦୁମାନଙ୍କର କୌଣସି ମାଙ୍ଗଳିକ କାର୍ଯ୍ୟ ଏହା ବ୍ୟତୀତ ପୂର୍ଣ୍ଣ ହୁଏନାହିଁ। ଏହା ପାନକଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ପ୍ରାୟଶ୍ଚିତ୍ତ କରିବାକୁ ଚାହୁଁଥିବା ବ୍ୟକ୍ତି ପାପମୁକ୍ତ ହେବା ପାଇଁ ପଞ୍ଚଗବ୍ୟ ପାନ କରିବାର ପ୍ରଥା ରହିଛି।

**ପଞ୍ଚଗବ୍ୟ ଘୃତ –** ବିଶେଷ ବିଧିରେ ପ୍ରସ୍ତୁତ ପଞ୍ଚଗବ୍ୟ ଘୃତ ପୁରାତନ ସର୍ଦ୍ଦି, ମାନସିକ ଦୁର୍ବଳତା, ଅଧକପାଳି, ପାଗଳପଣ, ଶୋଥ, ସ୍ମୃତିଶକ୍ତି ହ୍ରାସ, ନିଦ୍ରାହୀନତା ଆଦି ଅନେକ ରୋଗ ପାଇଁ ଲାଭକାରୀ ।

**ପଞ୍ଚବଟ–** ଅଶ୍ୱତ୍ଥ, ବେଲ, ବର, ଅଁଳା ଓ ଅଶୋକ। ଏହି ପାଞ୍ଚ ପ୍ରକାର ବୃକ୍ଷ ଲାଗିଥିବା ବନକୁ ପଞ୍ଚବଟୀ କହନ୍ତି। ଦଣ୍ଡକାରଣ୍ୟ ଅନ୍ତର୍ଗତ ଗୋଦାବରୀ ତୀରସ୍ଥ ଏହି ସ୍ଥାନରେ ଶ୍ରୀରାମଚନ୍ଦ୍ର ବନବାସ କରୁଥିବା ସମୟରେ ରାବଣ ସୀତାଙ୍କୁ ହରଣ କରିଥିଲା। ପଞ୍ଚବଟୀର ପୂର୍ବରେ– ଅଶ୍ୱତ୍ଥ, ଉତ୍ତରରେ– ବେଲ, ପଶ୍ଚିମରେ– ବର, ଦକ୍ଷିଣରେ– ଅଁଳା, ଅଗ୍ନିକୋଣରେ– ଅଶୋକ ଗଛ ରୋପଣ କରାଯାଇଥାଏ।

**ପଞ୍ଚସୁନା –** ଆମ ଓଡ଼ିଆ ଘରେ ପାଞ୍ଚୋଟି ସାମଗ୍ରୀକୁ ପଞ୍ଚ ସୁନା ବୋଲି କୁହାଯାଏ। ସେଗୁଡ଼ିକ ହେଉଛି– କୁଲା, ଛାଞ୍ଚୁଣୀ, କଳସୀ, ଢଙ୍କି ଓ ଚୁଲି।

**ପଞ୍ଚପୁଷ୍ପ –** ପୁରାଣ ଅନୁସାରେ ଦେବତାଙ୍କ ପ୍ରିୟ ପାଞ୍ଚଗୋଟି ପୁଷ୍ପ ହେଲା – ଚମ୍ପା, ଆମ୍ବ, ଶମୀ, ପଦ୍ମ ଓ କନିଅର।

**ପଞ୍ଚ ପଲ୍ଲବ –** ବୈଦିକ କର୍ମକାଣ୍ଡରେ ବ୍ୟବହାର କରାଯାଉଥିବା ପାଞ୍ଚଟି ପବିତ୍ର ଗଛର ପତ୍ର ହେଉଛି ଯଥା – ଆମ୍ବ, ଅଶ୍ୱତ୍ଥ, ବଟ, ପଳାସ ଓ ଉଦମ୍ବର।

**ପଞ୍ଚଦେବତା –** ଗଣେଶ, ନାରାୟଣ, ରୁଦ୍ର ବା ଶିବ, ଅମ୍ବିକା ବା ଦୁର୍ଗା, ଭାସ୍କର ବା ସୂର୍ଯ୍ୟ। ପୂଜା, ହୋମ, ଯଜ୍ଞ ଆଦି ସମୟରେ ପାଠ କରାଯାଉଥିବା ଏକ ମନ୍ତ୍ର – 'ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କରେ ତଥା ଭିନ୍ନାଭିନ୍ନ ନ କର୍ତ୍ତବ୍ୟ ପଞ୍ଚଦେବ ନମସ୍ତୁତେ।'

ଅର୍ଥାତ୍ ଗଣେଶ, ନାରାୟଣ, ରୁଦ୍ର ବା ଶିବ, ଅମ୍ବିକା ବା ଦୁର୍ଗା, ଭାସ୍କର ବା ସୂର୍ଯ୍ୟ ଦେବ ସମସ୍ତେ ଏକ। ଏମାନଙ୍କ ମଧ୍ୟରେ ଭିନ୍ନତା ଦେଖିବା ଉଚିତ ନୁହେଁ।

**ପଞ୍ଚଉପଚାର –** ପାଞ୍ଚ ପ୍ରକାର ଉପକରଣ ସଂଯୁକ୍ତ ଦେବପୂଜା। ଆସନ, ଅର୍ଘ୍ୟ, ଗନ୍ଧ, ପୁଷ୍ପ ଓ ନୈବେଦ୍ୟ। ଦେବପୂଜା ନିମନ୍ତେ ଷୋଡ଼ଶ ଉପଚାରର ବିଧି ରହିଛି, କିନ୍ତୁ ସାଧାରଣତଃ ଲୋକେ ପଞ୍ଚୋପଚାରରେ ପୂଜା କରିଥାନ୍ତି।

**ପଞ୍ଚକ ବା ପଞ୍ଚୁକ –** ପବିତ୍ର କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନକୁ ପଞ୍ଚୁକ କହନ୍ତି। କାର୍ତ୍ତିକ ଶୁକ୍ଳ ଏକାଦଶୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ। ଯେଉଁମାନେ ସମ୍ପୂର୍ଣ୍ଣ ମାସ ଯାକ କାର୍ତ୍ତିକ ବ୍ରତ ପାଳନ କରିବାରେ ଅସମର୍ଥ ସେମାନେ ଶେଷ ପଞ୍ଚୁକ ପାଳନ କରନ୍ତି। ଏହି ମାସରେ ବ୍ରତଧାରୀ ଓ ହବିଷିଆଳିମାନେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କର ପୂଜା ଆରାଧନା କରିଥାନ୍ତି ଓ ନିରାମିଷ ଖାଦ୍ୟ ସେବନ କରନ୍ତି। ପଞ୍ଚୁକରେ ମହିଳାମାନେ ବୃନ୍ଦାବତୀଙ୍କ ପାଖରେ ପୂଜା କରି ମୁରୁଜ ପକାନ୍ତି। ଏହି ସମୟରେ ଅନେକ ସ୍ଥାନରେ ରାସଲୀଳା ପାଳନ କରାଯାଏ। ତା'ସହ ଭାଗବତର ରାସ ପଞ୍ଚାଧ୍ୟାୟୀ ପଠନ, ପାଠନ ଚତୁର୍ବର୍ଗ ଫଳ ପ୍ରଦାନ କରେ ବୋଲି ବିଶ୍ୱାସ ରହିଛି। ଏହା ଭୀଷ୍ମ ପଞ୍ଚକ ଭାବେ ମଧ୍ୟ ପରିଚିତ।

**ପଞ୍ଚୁଦୋଳ–** ଦୋଳପୂର୍ଣ୍ଣିମା ପରେ ପ୍ରତିପଦାଠାରୁ ପାଞ୍ଚଦିନ ଭିନ୍ନ ଭିନ୍ନ ସ୍ଥାନରେ ରାଧାକୃଷ୍ଣ ବିଗ୍ରହମାନଙ୍କର ମିଳନ ଉତ୍ସବ ପାଳନ କରାଯାଏ।

**ପଞ୍ଚବର୍ଣ୍ଣ –** ଧଳା, କଳା, ନାଲି, ହଳଦୀ ଓ ନେଳି। ଏହି ପାଞ୍ଚଟି ବର୍ଣ୍ଣର ମୁରୁଜ ପୂଜାପାଠ ସମୟରେ ପକାଯାଏ।

**ପଞ୍ଚଶସ୍ୟ –** ଧାନ, ମୁଗ, ତିଳ(ରାଶି), ଯଅ, ବିରି। ଓଡ଼ିଆ ଖାଦ୍ୟ, ପରମ୍ପରା ଓ ରୀତିନୀତିରେ ଏହି ପଞ୍ଚଶସ୍ୟକୁ ସାଧାରଣତଃ ପୂଜାପର୍ବ ଯଜ୍ଞାଦିରେ ବ୍ୟବହାର କରାଯାଏ ଓ ଭୋଗ ଲାଗିହୁଏ।

**ପଞ୍ଚପିତା–** ଆମେ ସମସ୍ତେ ଜାଣୁ ସମସ୍ତଙ୍କର ଜଣେ ଲେଖାଏଁ ପିତା ଥାଆନ୍ତି। ହେଲେ ଶାସ୍ତ୍ର କହେ ପ୍ରତ୍ୟେକ ମଣିଷର ପିତା ହେଉଛନ୍ତି ୫ ଜଣ। ଏହି ପଞ୍ଚପିତା ହେଉଛନ୍ତି ଜନ୍ମଦାତା ପିତା, ଶିକ୍ଷା ପ୍ରଦାନକାରୀ ଗୁରୁ, ଗୁରୁମନ୍ତ୍ର ଦେଉଥିବା ବ୍ୟକ୍ତି, କନ୍ୟା ଦାନ କରୁଥିବା ବ୍ୟକ୍ତି ବା କନ୍ୟାପିତା, କାମ ଦେଉଥିବା ପିତା ତଥା ଅନ୍ନଦାତା।

**ପଞ୍ଚକର୍ମ–** ଆଧ୍ୟାତ୍ମିକ ଶାସ୍ତ୍ରରେ ପୁରଶ୍ଚରଣଃ, ସ୍ନାନ, ଜପ, ହୋମ, ତର୍ପଣକୁ ପଞ୍ଚକର୍ମ ବୋଲି କୁହାଯାଏ।

**ପଞ୍ଚାର୍ଘ୍ୟ–** ପୂଜାନୁଷ୍ଠାନରେ ପଞ୍ଚାର୍ଘ୍ୟ କହିଲେ ଦୁର୍ବା, ପୁଷ୍ପ, ତୋୟ, ତଣ୍ଡୁଳ ଓ ଚନ୍ଦନକୁ ବୁଝାଏ।

**ପଞ୍ଚମାତ୍ରା–** ପଞ୍ଚମାତ୍ରା ହେଉଛି –ଅ, ଉ, ମ, ଅର୍ଧ ମାତ୍ରା, ଚନ୍ଦ୍ର ବିନ୍ଦୁ। ଏହାକୁ ପଞ୍ଚ ପ୍ରଣବ ବି କୁହାଯାଏ।


**ପଞ୍ଚନଦ–** ଆମ ଦେଶରେ ଅନେକ ନଦୀ ଅଛି। ତେବେ ନଦ ପାଞ୍ଚୋଟି ଥିବା ଶାସ୍ତ୍ର କହେ। ସେହି ପାଞ୍ଚ ନଦ ହେଉଛି– ବିତସ୍ତ, ଶତଦ୍ରୁ, ଐରାବତୀ, ଚନ୍ଦ୍ରଭାଗା, ବିପାଶା।


**ପଞ୍ଚନିୟମ–** ଜପ ତପ କରିବା ବେଳେ ପାଞ୍ଚ ନିୟମ ରହିଛି। ସେହି ପଞ୍ଚ ନିୟମ ହେଉଛି ଶୌଚ, ସନ୍ତୋଷ, ତପ, ସ୍ୱାଧ୍ୟାୟ, ଈଶ୍ୱର ପ୍ରଣିଧାନ।

**ପଞ୍ଚମୁରୁଜ–** ଲାଲ, ହଳଦିଆ, ଧଳା, କଳା, ସବୁଜ ରଙ୍ଗର ମୁରୁଜ ପଞ୍ଚ ମୁରୁଜ ବୁଝାଏ। ଏହି ରଙ୍ଗର ମୁରୁଜ ଯିଏ ପକାନ୍ତି ଓ ଯିଏ ଦେଖନ୍ତି ତାଙ୍କ ଶରୀରର ଷଡ଼ଚକ୍ର ଆନ୍ଦୋଳିତ ହୁଏ। ତେଣୁ ଏହାର ମାହାତ୍ମ୍ୟ ବହୁତ ରହିଛି।

**ପଞ୍ଚକଷାୟ –** ପାଞ୍ଚଟି କଷା ଫଳ ପଞ୍ଚକଷାୟ ଭାବେ ପରିଚିତ। ସେଗୁଡ଼ିକ ହେଉଛି ଜାମୁ, ଶିମିଳି, ବାଡ଼ି ଅଁଳା, ବଉଳ, ବରକୋଳି।

**ପଞ୍ଚତିକ୍ତ –** ବୈଦ୍ୟ ଶାସ୍ତ୍ର →











ଅନୁଯାୟୀ ପାଞ୍ଚଟି ତିକ୍ତ ପଦାର୍ଥ ହେଉଛି- ନିମ୍ବ ଚେରର ବକଳ, ଗୁଳୁଚି, ବାସଙ୍ଗ, ଶୁଣ୍ଠି ଓ ଚିରେଇତା। ଏଗୁଡ଼ିକ ଜ୍ୱର, ଥଣ୍ଡା, କୁଷ୍ଠ ଓ ଅନ୍ୟାନ୍ୟ ଦୁରାରୋଗ୍ୟ ବ୍ୟାଧିନାଶକ।

**ପଞ୍ଚରତ୍ନ** – ହୀରା, ନୀଳା, ମୋତି, ମାଣିକ, ପ୍ରବାଳ(ପୋହଳା)।

**ପଞ୍ଚଭାବ–** ଆମର ଭାବ ବି ପାଞ୍ଚ ପ୍ରକାର। ସେ ହେଉଛି– ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମଧୁର।

**ପଞ୍ଚମହାଯଜ୍ଞ–** ବ୍ରହ୍ମଯଜ୍ଞ(ବେଦ ଅଧ୍ୟୟନ), ଦେବଯଜ୍ଞ(ଅଗ୍ନିହୋତ୍ର), ପିତୃଯଜ୍ଞ(ତର୍ପଣ), ଭୂତଯଜ୍ଞ(ବୈଶ୍ୱଦେବ), ନୃଯଜ୍ଞ(ଅତିଥି ସେବାପୂଜା), ଗୃହସ୍ଥମାନଙ୍କ ନିମନ୍ତେ ଏହି ପାଞ୍ଚଟି ଯଜ୍ଞ ଅବଶ୍ୟ କରଣୀୟ।

**ପଞ୍ଚମୁଖ ବା ପଞ୍ଚାନନ** – ଭଗବାନ ଶିବଙ୍କ ଅନ୍ୟନାମ।

**ପଞ୍ଚମୁଖୀ ହନୁମାନ–** ହନୁମାନଙ୍କର ଏକ ସ୍ୱରୂପକୁ ପଞ୍ଚମୁଖୀ ହନୁମାନ ଭାବେ ପୂଜା କରାଯାଇଥାଏ। ତାଙ୍କର ଏହି ରୂପରେ ତାଙ୍କ ପାଞ୍ଚୋଟି ମୁହଁ ରହିଥାଏ ଏବଂ ଦଶଟି ହାତ ରହିଥାଏ। ତାଙ୍କର ପାଞ୍ଚୋଟି ମୁହଁ ପାଞ୍ଚ ଆଡ଼କୁ ଥାଏ। ଏଥିରେ ହୟଗ୍ରୀବ, ନରସିଂହ, ଗରୁଡ଼, ବରାହ ଏବଂ ସ୍ୱୟଂ ହନୁମାନଙ୍କ ରୂପ ରହିଥାଏ।



**ପଞ୍ଚପାଣ୍ଡବ ବା ପଞ୍ଚୁପାଣ୍ଡବ** – ମହାଭାରତରେ ରାଜା ପାଣ୍ଡୁଙ୍କର ପାଞ୍ଚ ପୁତ୍ରଙ୍କୁ ପଞ୍ଚୁପାଣ୍ଡବ କୁହାଯାଉଥିଲା । ସେମାନେ ହେଲେ ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଓ ସହଦେବ । ଏହି ପାଞ୍ଚ ଭାଇ ଦିନେ ଧୃତରାଷ୍ଟ୍ରଙ୍କୁ ପାଞ୍ଚପଡ଼ା ମାଗିଥିଲେ। ସେଗୁଡ଼ିକ ଥିଲା ଜମପ୍ରସ୍ଥ, ଇନ୍ଦ୍ରପ୍ରସ୍ଥ, ଜୟନ୍ତୀ, ବାରୁଣା, ହସ୍ତିନା।

**ପଞ୍ଚକନ୍ୟା** – ଋଷି ଗୌତମଙ୍କ ପତ୍ନୀ ଅହଲ୍ୟା, ପାଣ୍ଡବଙ୍କ ପତ୍ନୀ ଦ୍ରୌପଦୀ, ବାଳିଙ୍କ ପତ୍ନୀ ତାରା, ପାଣ୍ଡୁଙ୍କ ପତ୍ନୀ କୁନ୍ତୀ, ରାବଣଙ୍କ ପତ୍ନୀ ମନ୍ଦୋଦରୀ ପଞ୍ଚକନ୍ୟା ଭାବେ ପରିଚିତ। ପ୍ରତ୍ୟେକ ଦିନ ସକାଳେ ଏହି ପଞ୍ଚକନ୍ୟାଙ୍କ ନାମ ସ୍ମରଣ କଲେ ମନୁଷ୍ୟର ପାତକ ନାଶ ହୁଏ।

**ପଞ୍ଚସଖା** – ପଞ୍ଚସଖା କହିଲେ ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ, ଯଶୋବନ୍ତ ଦାସଙ୍କୁ ବୁଝାଏ। ଷୋଡ଼ଶ ଶତାବ୍ଦୀରୁ ଉତ୍କଳର ଧର୍ମ-ସାହିତ୍ୟ ଜଗତରେ ଏ ପାଞ୍ଚଜଣ, ଭକ୍ତ, ଜ୍ଞାନୀ ଓ ସାହିତ୍ୟ ସାଧକ ଭାବେ ବେଶ୍ ପରିଚିତ।

**ସତ୍ୟବାଦୀର ପଞ୍ଚସଖା** – ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ, କୃପାସିନ୍ଧୁ ମିଶ୍ର, ଗୋଦାବରୀଶ ମିଶ୍ର ହେଉଛନ୍ତି ଓଡ଼ିଶାର ଶିକ୍ଷା, ସାହିତ୍ୟ ଓ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ପୁରୁଷ। ଏମାନେ ମଧ୍ୟଯୁଗୀୟ ଶତାବ୍ଦୀର ବିଶିଷ୍ଟ କବି, ଲେଖକ, ଗାଳ୍ପିକ ଓ କଥାକାର। ସେମାନଙ୍କର କାଳଜୟୀ କବିତା ଓ ବିବିଧ ରଚନାର ସମାହାର ସେମାନଙ୍କୁ ଓଡ଼ିଶା ଇତିହାସରେ ପଞ୍ଚସଖା ନାମରେ ଅମର କରି ରଖିଛି । ସେମାନଙ୍କ ଯୋଗୁ ଓଡ଼ିଆ ଭାଷା ଅନ୍ୟ ଭାଷା ମଧ୍ୟରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି।

**ପଞ୍ଚଗଙ୍ଗା** – ଗଙ୍ଗା, ଯମୁନା, ଗୋଦାବରୀ, କୃଷ୍ଣା ଓ କାବେରୀ।

**ପଞ୍ଚପ୍ରଳୟ–** ବ୍ରହ୍ମାଣ୍ଡରେ ପ୍ରଳୟ ପାଞ୍ଚ ପ୍ରକାର। ସେଗୁଡ଼ିକ ହେଉଛି ନିତ୍ୟ ପ୍ରଳୟ, ନୈମିତିକ ପ୍ରଳୟ, ଦୈନନ୍ଦିନ ପ୍ରଳୟ, ମହାପ୍ରଳୟ ଓ ଆତ୍ୟନ୍ତିକ ପ୍ରଳୟ।

**ପଞ୍ଚତୀର୍ଥ** – ପ୍ରଭାସ, ପୁଷ୍କର, ଗୟା, ନୈମିଷ, କୁରୁକ୍ଷେତ୍ର ଆଦିକୁ ପଞ୍ଚତୀର୍ଥ ଭାବେ ଗଣନା କରାଯାଏ। ଏହି କ୍ଷେତ୍ରରେ ବିଧିପୂର୍ବକ ସ୍ନାନ ଓ ନିତ୍ୟକର୍ମ କରି ପବିତ୍ର ହୋଇଥିବା ମନୁଷ୍ୟ ସେହି ତୀର୍ଥର ଫଳ ପାଇବା ସହ ଶେଷରେ ପରମପଦ ପ୍ରାପ୍ତ ହୁଅନ୍ତି।

**ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ** – ମାର୍କଣ୍ଡେୟ, ଶ୍ୱେତଗଙ୍ଗା, ରୋହିଣୀ କୁଣ୍ଡ, ମହୋଦଧି(ସମୁଦ୍ର), ଇନ୍ଦ୍ରଦ୍ୟୁମ୍ନ।

**ପଞ୍ଚକୋଶ(ପଞ୍ଚୁକୋଶୀ)** – ତୀର୍ଥସ୍ଥାନଠାରୁ ୫ କୋଶ ବା ଦଶ ମାଇଲ ସୀମା ମଧ୍ୟରେ ଅବସ୍ଥିତ ସ୍ଥାନ। ଏ ଅଞ୍ଚଳର ଅଧିବାସୀ ପଞ୍ଚୁକୋଶୀ ଲୋକ ଭାବେ ପରିଚିତ। ଏହି ପରିଧି ମଧ୍ୟରେ ପ୍ରସିଦ୍ଧ ଷୋହଳ ଶାସନ ଅନ୍ତର୍ଗତ।

**ପଞ୍ଚଉପାସନା–** ଭାରତରେ ବିଭିନ୍ନ ଲୋକ ଭିନ୍ନ ଭିନ୍ନ ଦେବଦେବୀଙ୍କ ଆରାଧନା କରିଥାନ୍ତି। ଆଉ ସେମାନଙ୍କୁ ପଞ୍ଚ ଉପାସନା ଭାବେ ବିଭକ୍ତ କରାଯାଇଛି। ସେ ହେଉଛି ଗାଣପତ୍ୟ, ଶାକ୍ତ, ସୌର, ବୈଷ୍ଣବ, ଶୈବ।

**ପଞ୍ଚବିଜ ମନ୍ତ୍ର–** ବିଜ ମନ୍ତ୍ର ମଧ ପାଞ୍ଚ । ସେ ହେଉଛି– ହ୍ରୀଂ, ସ୍ଲୀଂ, ଧ୍ଲୀଂ, କ୍ଲୀଂ, ପ୍ଲୀଂ।

**ପଞ୍ଚମନ–** ଆମର ମନ ବି ପାଞ୍ଚ ପ୍ରକାର। ସେ ହେଉଛି– ମନ, ଅମନ, କୁମନ, ସୁମନ, ବିମନ।

**ପଞ୍ଚପ୍ରାଣ** – ପ୍ରାଣ ପଞ୍ଚବାୟୁର ସମଷ୍ଟି ଅଟେ। ଯଥା – ପ୍ରାଣ, ଅପାନ, ଉଦାନ, ସମାନ ଓ ବ୍ୟାନ। ହୃଦୟ ଅନ୍ତର୍ଗତ ବାୟୁର ନାମ ପ୍ରାଣ। ଏହାଦ୍ୱାରା ରକ୍ତ ସଞ୍ଚାଳନ ହୁଏ। ଗୁହ୍ୟ ଦେଶସ୍ଥ ବାୟୁର ନାମ ଅପାନ। ଏହାଦ୍ୱାରା ଆହାର୍ଯ୍ୟଚାଳନ ବା ବର୍ଜ୍ୟବସ୍ତୁ ତ୍ୟାଗ କ୍ରିୟା ସାଧିତ ହୁଏ। କଣ୍ଠ ଦେଶରେ ଥିବା ବାୟୁର ନାମ ଉଦାନ। ଏହାଦ୍ୱାରା ସର୍ବାଙ୍ଗରେ ସାମଞ୍ଜସ୍ୟ ରକ୍ଷା ହୁଏ। ନାଭି ସମୀପସ୍ଥ ବାୟୁର ନାମ ସମାନ। ଏହାଦ୍ୱାରା ପାଚନ କ୍ରିୟା ସାଧିତ ହୁଏ। ସର୍ବଶରୀରଗାମୀ ବାୟୁର ନାମ ବ୍ୟାନ।

**ପଞ୍ଚଉପପ୍ରାଣ–** ଶରୀର ଭିତରେ ଦେବଦତ୍ତ, ଧନଞ୍ଜୟ, ନାଗ, କୁର୍ମ ଓ ବୃକଳ ନିହିତ। ଏହାକୁ ପଞ୍ଚ ଉପପ୍ରାଣ କୁହାଯାଏ।

**ପଞ୍ଚତତ୍ତ୍ୱ ବା ପଞ୍ଚମହାଭୂତ** – କ୍ଷିତି(ପୃଥ୍ୱୀ ତତ୍ତ୍ୱ), ଅପ୍(ଜଳ ତତ୍ତ୍ୱ), ତେଜ(ଅଗ୍ନି ତତ୍ତ୍ୱ), ମରୁତ(ବାୟୁ ତତ୍ତ୍ୱ) ଓ ବ୍ୟୋମ(ଆକାଶ ତତ୍ତ୍ୱ)। ମନୁଷ୍ୟ, ଜୀବଜନ୍ତୁ ତଥା ସମଗ୍ର ସଂସାର ତତ୍ତ୍ୱରେ ଗଠିତ। କାହାରି ଗୋଟିଏର ଅଭାବରେ ଆମେ ବଞ୍ଚିପାରିବା ନାହିଁ। ତେଣୁ ମନୁଷ୍ୟ ଏହି ପଞ୍ଚତତ୍ତ୍ୱର ମହତ୍ତ୍ୱ ବୁଝି ସେମାନଙ୍କର ସମ୍ମାନ କରିବା ସହିତ ପୋଷଣ କରିବା ଉଚିତ।

**ପଞ୍ଚ ଜ୍ଞାନେନ୍ଦ୍ରିୟ** – ଶ୍ରୋତ୍ର(କର୍ଣ୍ଣ), ନେତ୍ର(ଚକ୍ଷୁ), ତ୍ୱକ୍(ତ୍ୱଚା ବା ଚର୍ମ), ରସନା(ଜିହ୍ୱା) ଓ ଘ୍ରାଣ(ନାସିକା)। ଶ୍ରୋତ୍ର(ଶ୍ରବଣେନ୍ଦ୍ରିୟ) ଦ୍ୱାରା– ଶବ୍ଦ ଗ୍ରହଣ। ତ୍ୱକ୍(ସ୍ପର୍ଶେନ୍ଦ୍ରିୟ) ଦ୍ୱାରା – ସ୍ପର୍ଶ ଗ୍ରହଣ। ନେତ୍ର(ଦର୍ଶନେନ୍ଦ୍ରିୟ) ଦ୍ୱାରା – ରୂପ ଗ୍ରହଣ। ଜିହ୍ୱା(ରସନେନ୍ଦ୍ରିୟ) ଦ୍ୱାରା – ରସ ଗ୍ରହଣ। ନାସିକା(ଘ୍ରାଣେନ୍ଦ୍ରିୟ) ଦ୍ୱାରା – ଗନ୍ଧ ଗ୍ରହଣ।

'ଶ୍ରୋତ୍ରଂ ଚକ୍ଷୁଃ ସ୍ପର୍ଶନଂ ଚ ରସନଂ ଘ୍ରାଣମେବ ଚ। ଅଧିଷ୍ଠାୟ ମନଶ୍ଚାୟଂ ବିଷୟାନୁପସେବତେ।।'(ଗୀତା ୧୫/୯)– ଅର୍ଥାତ୍ ଏହି ଜୀବାତ୍ମା କର୍ଣ୍ଣ, ଚକ୍ଷୁ, ତ୍ୱକ୍(ଚର୍ମ) ତଥା ଜିହ୍ୱା, ନାସା ଏବଂ ମନକୁ ଆଶ୍ରୟ କରି ଅର୍ଥାତ୍ ଏସବୁର ସାହାଯ୍ୟରେ ହିଁ ବିଷୟମାନଙ୍କୁ ସେବନ କରନ୍ତି।

**ପଞ୍ଚ କର୍ମେନ୍ଦ୍ରିୟ** – ବାକ୍, ପାଣି, ପାଦ, ପାୟୁ ଓ ଉପସ୍ଥ ହେଉଛି ଆମର ପଞ୍ଚ କର୍ମେନ୍ଦ୍ରିୟ। ବାକ୍(ବାଣୀ)ର ବିଷୟ – ଭାଷଣ, ପାଣି(ହସ୍ତ ବା ହାତ)ର ବିଷୟ – ବସ୍ତୁ ଗ୍ରହଣ, ପାଦର ବିଷୟ – ଗମନ, ପାୟୁର ବିଷୟ – ମଳତ୍ୟାଗ, ଉପସ୍ଥର ବିଷୟ – ଆନନ୍ଦ

**ପଞ୍ଚକୋଷ(ପଞ୍ଚ + କୋଷ = ଆବରଣ)** – ବେଦାନ୍ତ ବର୍ଣ୍ଣିତ ଆତ୍ମାର ପାଞ୍ଚଗୋଟି ଆବରଣ ରହିଛି। ସେ ହେଉଛି – ଅନ୍ନମୟ କୋଷ, ପ୍ରାଣମୟ କୋଷ, ମନୋମୟ କୋଷ, ବିଜ୍ଞାନମୟ କୋଷ ଓ ଆନନ୍ଦମୟ କୋଷ। –ଅନ୍ନ ତଥା ଭୋଜନ ଦ୍ୱାରା ଉତ୍ପନ୍ନ, ବୃଦ୍ଧିପ୍ରାପ୍ତ ଓ ଅନ୍ନରୂପ ପୃଥିବୀରେ ବିଲୀନ ହୋଇଥାଏ। ସେହି ସ୍ଥୂଳ ଶରୀର ଅନ୍ନମୟ କୋଷ ଅଟେ। ଏହା ପ୍ରଥମ କୋଷ ଅଟେ ଯେଉଁଠି ଆତ୍ମା ଅଭିବ୍ୟକ୍ତ ହୁଏ। – ପ୍ରାଣ, ଅପାନ, ସମାନ, ଉଦାନ ଓ ବ୍ୟାନ ଏହି ପଞ୍ଚପ୍ରାଣ ଓ ପଞ୍ଚ କର୍ମେନ୍ଦ୍ରିୟ ମିଶି ପ୍ରାଣମୟ କୋଷ ଅଟେ। –ପଞ୍ଚ କର୍ମେନ୍ଦ୍ରିୟ ସହିତ ସଂକଳ୍ପ-ବିକଳ୍ପାତ୍ମକ ମନ ମନୋମୟ କୋଷ ଅଟେ। –ଅନ୍ତକରଣର ନିଶ୍ଚୟାତ୍ମିକା ବୃତ୍ତିରୂପ ବୁଦ୍ଧି ଓ ପଞ୍ଚ ଜ୍ଞାନେନ୍ଦ୍ରିୟ ମିଶି ବିଜ୍ଞାନମୟ କୋଷ ଅଟେ। –କାରଣ ଶରୀର ଭୂତ ଅବିଦ୍ୟାରେ ସ୍ଥିତ ପ୍ରିୟ, ଆମୋଦ ପ୍ରମୋଦ ବୃତ୍ତି ସହିତ ମଳିନ ସ୍ୱତ୍ତ୍ୱକୁ ଆନନ୍ଦମୟ କୋଷ କୁହାଯାଏ।


**ପଞ୍ଚାତ୍ମା–** ତତ୍ତ୍ୱାତ୍ମା, ଜୀବାତ୍ମା, ପରମାତ୍ମା, ଜ୍ଞାନାତ୍ମା, ଧ୍ୟାନାତ୍ମା।


**ପଞ୍ଚ ତନ୍ମାତ୍ରା–** ଗନ୍ଧ, ରସ, ରୂପ, ସ୍ପର୍ଶ, ଶବ୍ଦ।

**ପଞ୍ଚ ମ' କାର**–ତାନ୍ତ୍ରିକମାନେ ପଞ୍ଚ ମ' କାରରେ ପୂଜା କରନ୍ତି। ସେଗୁଡ଼ିକ ହେଉଛି– ମଦ୍ୟ, ମାଂସ, ମୀନ, ମୁଦ୍ରା, ମୈଥୁନ। ଏହାଦ୍ୱାରା ତାଙ୍କ ସାଧନା ଫଳପ୍ରଦ ହୁଏ ବୋଲି ବିଶ୍ୱାସ ରହିଛି।

**ପଞ୍ଚ ବ' କାର–** ସେହିଭଳି ପଞ୍ଚ ବ' କାର ହେଉଛି ବିଦ୍ୟା, ବାକ୍ୟ, ବପୁ, ବିଭବ ଓ ବସ୍ତ୍ର।

**–ଶିବାନୀ ମହାନ୍ତି**
**– ସ୍ୱାମୀ ନିର୍ମଳାନନ୍ଦ ଗିରି,**
ଓଡ଼ିଶା ଗୋସେବା ସମିତି, ଭୁବନେଶ୍ୱର,
**–ଶ୍ରୀ ସନ୍ନ୍ୟାସୀ**





# ପେନ୍

## ସହଜ ନୁହେଁ କିଣିବା







ପେନ୍ ସମ୍ପର୍କରେ ପ୍ରାୟ ସମସ୍ତେ ଜାଣନ୍ତି ଆଉ ଏହାକୁ ବ୍ୟବହାର ମଧ୍ୟ କରନ୍ତି । ପେନ୍‌କୁ ଲେଖକଙ୍କର ଜଣେ ଭଲ ସାଥୀ ବୋଲି ବି କୁହାଯାଇଥାଏ । ନୂଆ ଆଉ ସୁନ୍ଦର ପେନ୍‌ରେ ଲେଖିବାର ସଉକ ମଧ୍ୟ ଅନେକଙ୍କର ଥାଏ । ସେଥିପାଇଁ ସେମାନଙ୍କ ପାଖେ ଯେତେ ପେନ୍ ଥିଲେ ବି ମାର୍କେଟରେ କୌଣସି ନୂଆ ଡିଜାଇନ୍‌ର ପେନ୍ ଦେଖିଲେ ତାହାକୁ କିଣି ଆଣିଥାନ୍ତି । ହେଲେ ଏଠାରେ ଯେଉଁ ପେନ୍ ସମ୍ପର୍କରେ କୁହାଯାଉଛି, ତାହାକୁ କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ । କାରଣ ଏସବୁ ହେଉଛି ଗୋଟିଏ ଗୋଟିଏ ଦାମୀ ପେନ୍ । କେଉଁଥିରେ ସୁନାର ବ୍ୟବହାର ହୋଇଛି ତ କେଉଁଥିରେ ହୀରା କିମ୍ବା ଅନ୍ୟ କୌଣସି ମୂଲ୍ୟବାନ ଧାତୁ ଲାଗିଛି । ସେମିତି କିଛି ଦାମୀ ପେନ୍ ସମ୍ପର୍କରେ –

**ମୋଣ୍ଟ ବ୍ଲାଙ୍କ ବୋହେମେ ରୟାଲ୍ ପେନ୍:** ଏହି ପେନ୍‌ରେ ୧୮ କ୍ୟାରେଟର ସୁନା, ପ୍ଲାଟିନମ୍ ପ୍ଲେଟେଡ୍ ରେଟ୍ରେକ୍ଟେବଲ୍ ନିବ୍ ଏବଂ ଏହାର ବ୍ୟାରେଲ୍ ଓ କ୍ୟାପ୍‌ରେ ୧୮ କ୍ୟାରେଟର ହ୍ୱାଇଟ୍‌ଗୋଲ୍ଡ ତଥା ପ୍ରାୟ ୧୪୩୦ଟି ହୀରା ବ୍ୟବହାର କରାଯାଇଛି । ଏଥିସହିତ ଏହି ପେନ୍‌ରେ ଲାଗିଥିବା ମୋଣ୍ଟ ବ୍ଲାଙ୍କ ଷ୍ଟାର୍ ଲୋଗୋରେ ମଧ୍ୟ ୧୮ଟି ହୀରା ଓ ୧୮ କ୍ୟାରେଟର ହ୍ୱାଇଟ୍‌ଗୋଲ୍ଡ ବ୍ୟବହୃତ ହୋଇଛି । ସେଥିପାଇଁ ଏହାର ଦାମ୍ ପ୍ରାୟ ୧.୧ ମିଲିୟନ୍ ପାଉଣ୍ଡ ରଖାଯାଇଛି ।

**ଔରୋରା ଡିଆମାଣ୍ଟେ ପେନ୍:** ସଲିଡ୍ ପ୍ଲାଟିନମ୍‌ରେ ତିଆରି ଏହି ପେନ୍‌ରେ ୩୦ କ୍ୟାରେଟର ଅନେକ ଛୋଟ ଛୋଟ ହୀରା ଲାଗିଛି । ତାସହିତ ଏହାର ନିବ୍‌ଟିକୁ ମଧ୍ୟ ୧୮ କ୍ୟାରେଟ ସୁନାରେ ତିଆରି କରାଯାଇଛି । ତେଣୁ ଏହାର ଦାମ୍ ପ୍ରାୟ ୯୪୪,୦୦୦ ପାଉଣ୍ଡ ରହିଛି ।

**ହେଭେନ୍ ଗୋଲ୍ଡ ପେନ୍:** ଏଥିରେ ୪୬୧ଟି ବ୍ରିଲିଆଣ୍ଟ କଲର୍ ଡାଇମଣ୍ଡ ତଥା ୪୩ କ୍ୟାରେଟର ଜେମ୍ସଷ୍ଟୋନ୍ ବ୍ୟବହାର କରାଯାଇଛି । ସେଥିପାଇଁ ଏହାର ମୂଲ୍ୟ ପ୍ରାୟ ୭୩୪,୧୮୮ ପାଉଣ୍ଡ ରହିଛି ।

**ମିଷ୍ଟ୍ରି ମାଷ୍ଟରପିସ୍ ପେନ୍:** ଏଥିରେ ପ୍ରାୟ ୩୦ କ୍ୟାରେଟର ଏନକ୍ରଷ୍ଟେଡ୍ ଜେମ୍ସ ଓ ଛୋଟ ଛୋଟ ଅନେକ ହୀରା ଲାଗିଛି । ତେଣୁ ଏହାର ମୂଲ୍ୟ ପ୍ରାୟ ୫୩୮,୩୭୫ ପାଉଣ୍ଡ ରଖାଯାଇଛି ।


**କାରାନ୍ ଡି' ଆଚେ ଗୋଥିକା ପେନ୍:** ଏଥିରେ ରୋଡିୟମ୍ କୋଟେଡ୍‌ର ସଲିଡ୍ ସିଲଭର୍‌କୁ ବ୍ୟବହାର କରାଯାଇଛି । ତା'ସହିତ କିଛି ହୀରା, ରୁବି ଓ ଏମେରାଲ୍ଡ ମଧ୍ୟ ବ୍ୟବହୃତ ହୋଇଛି । ତେଣୁ ଏହାର ମୂଲ୍ୟ ପ୍ରାୟ ୨୯୯,୭୫୬ ପାଉଣ୍ଡ ରହିଛି ।

**କାରାନ୍ ଡି' ଆଚେ ଲା ମଡର୍ଣ୍ଣିଷ୍ଟା ଡାଇମଣ୍ଡ ପେନ୍:** ଏହି ପେନ୍‌ରେ ରୋଡିୟମ୍ କୋଟେଡ୍ ହୋଇଥିବା ସିଲଭର୍ କମ୍ପୋନେଣ୍ଟ, ୧୮ କ୍ୟାରେଟର ଗୋଲ୍ଡ ନିବ୍, ୨୦ କ୍ୟାରେଟର ପ୍ରାୟ ୫୦୭୨ଟି ୱେସେଲଟନ୍ ଡାଇମଣ୍ଡ ଏବଂ ୩୨ କ୍ୟାରେଟ ବିଶିଷ୍ଟ ୯୬ଟି ରୁବି ବ୍ୟବହାର କରାଯାଇଛ । ତେଣୁ ଏହାର ମୂଲ୍ୟ ୧୯୫,୪୩୮ ପାଉଣ୍ଡ ରହିଛି ।

**ପ୍ରିନ୍ସ ରେନିଅର୍ ଲିମିଟେଡ ଏଡିସନ୍ ୮୧ ପେନ୍:** ଏଥିରେ ୧୮ କ୍ୟାରେଟର ହ୍ୱାଇଟ୍‌ଗୋଲ୍ଡ, ୯୯୬ଟି ହୀରା ଓ ୯୬ ଟି ରୁବି ଲାଗିଛି । ତା'ସହିତ ଏହାର କ୍ୟାପ୍‌ର ରିଂରେ ୧୯ଟି ରୁବି ଏବଂ ନିବ୍‌ରେ ବି ୧୮ କ୍ୟାରେଟ ସୁନାର ବ୍ୟବହାର କରାଯାଇଛି । ଏହି ପେନ୍‌ର ମୂଲ୍ୟ ୧୮୮,୮୦୦ ପାଉଣ୍ଡ ରହିଛି ।

**ଲିମିଟେଡ ଏଡିସନ୍ ବୋହେମେ ପାପିଲିୟନ୍ ପେନ୍:** ଏହି ପେନ୍‌ରେ ଧଳା, ହଳଦିଆ ଓ ରୋଜ୍ କଲର୍ ସୁନାର ବ୍ୟବହାର କରାଯାଇଛି । ତା'ସହିତ ଏଥିରେ ପ୍ରାୟ ୧୪୦୦ଟି ଡାଇମଣ୍ଡ ଓ ସଫାୟାର୍ ବି ଲାଗିଛି । ଏହାର ମୂଲ୍ୟ ହେଉଛି ପ୍ରାୟ ୧୬୯,୯୨୭ ପାଉଣ୍ଡ ।

**ପେରିୟର୍ ଜୌଏଟ୍ ଆନିଭରସାରି ଏଡିସନ୍ ପେନ୍:** ଏଥିରେ ୧୮ କ୍ୟାରେଟ ସୁନାର ବ୍ୟବହାର କରାଯାଇଛି । ଏହାର ମୂଲ୍ୟ ପ୍ରାୟ ୯୯,୩୪୧ ପାଉଣ୍ଡ ରହିଛି ।









# ନାଟୁଆଙ୍କ ନାଟକ ଲେଖାରେ ଅମରେଶ

**ଦର୍ଶକଙ୍କୁ ନାଟକ କେବଳ ମନୋରଞ୍ଜନ ଦିଏ ତା'ନୁହେଁ ବରଂ ଏହା ଜନଜାଗରଣର ଏକ ବଳିଷ୍ଠ ମାଧ୍ୟମ। ସମାଜର ନିଛକ ଛବି ନିଖୁଣଭାବେ ନାଟକରେ ହିଁ ପ୍ରତିଫଳିତ ହୋଇଥାଏ। ଯାହାକୁ ଅନୁଭବ କରନ୍ତି ନାଟ୍ୟକାର ସେଇଥିପାଇଁ ସମାଜରେ ଘଟୁଥିବା ବିଭିନ୍ନ ଘଟଣାର କାହାଣୀକୁ ନେଇ ତାଙ୍କର ଲେଖାର ଯାତ୍ରା । ତେବେ କେବଳ ଲେଖିବା ନୁହେଁ ଯାତ୍ରାରେ ଅଭିନୟ ଓ ନିର୍ଦ୍ଦେଶନା ଦେବାରେ ତାଙ୍କର ରହିଛି ନିଆରା ପରିଚୟ ...**

ଦର୍ଶକଙ୍କୁ ନାଟକ କେବଳ ମନୋରଞ୍ଜନ ଦିଏ ତା'ନୁହେଁ ବରଂ ଏହା ଜନଜାଗରଣର ଏକ ବଳିଷ୍ଠ ମାଧ୍ୟମ। ସମାଜର ନିଛକ ଛବି ନିଖୁଣଭାବେ ନାଟକରେ ହିଁ ପ୍ରତିଫଳିତ ହୋଇଥାଏ। ଯାହାକୁ ଅନୁଭବ କରନ୍ତି ନାଟ୍ୟକାର ଅମରେଶ ମାର୍ଥା। ପିତା ଭାସ୍କର ମାର୍ଥା, ମା' ଅବଳା ମାର୍ଥା, ଘର ପୁରୀ ଜିଲା ଡେଲାଙ୍ଗ ବ୍ଲକ ରେଙ୍ଗଳ ଗ୍ରାମପଞ୍ଚାୟତର ଯମୁନା ଗାଁରେ। ଜନ୍ମ ୧୯୬୩ମସିହା ମେ ୬ତାରିଖରେ। ସମାଜରେ ଘଟୁଥିବା ବିଭିନ୍ନ ଘଟଣାର କାହାଣୀକୁ ନେଇ ତାଙ୍କର ଲେଖା ସବୁ ଯେମିତିକି –''ଜଗା ସଜାଡୁଛି ଭଙ୍ଗା ଦେଉଳ, ବଳିଆ କାନ୍ଦୁଛି କାଳିଆ ପାଇଁ, ଯଶୋଦା ବିକୁଛି କହ୍ନେଇମାଂସ, ବଡ଼ଦାଣ୍ଡେ ଝୁରେ ଶାନ୍ତିରବାରି, ସବାରି ଉଠାରେ ସବାରିବାଲା।'' ଏମିତି ଏକାଧିକ ନାଟକକୁ ରଚନା କରିଛନ୍ତି ସେ । ଯାତ୍ରା ନାଟକ ଲେଖିବାଠାରୁ ଆରମ୍ଭକରି ଯାତ୍ରାରେ ଅଭିନୟ ଓ ନିର୍ଦ୍ଦେଶନା ଦେବାରେ ତାଙ୍କର ରହିଛି ନିଆରା ପରିଚୟ ।

ସେ କୁହନ୍ତି–ଗାଁର ଯମୁନା ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷାସାରି, ଅରଗୁଳ ମଧ୍ୟଇଂରାଜୀ ବିଦ୍ୟାଳୟ ଏବଂ ତା' ପରେ ବେଣାପଞ୍ଚରୀ ପଞ୍ଚାୟତ ଉଚ୍ଚବିଦ୍ୟାଳୟରୁ ୧୯୮୧ରେ ମାଟ୍ରିକ ପାସ୍ କରିଥିଲି। ଏହାପରେ ୧୯୮୩ରେ ପ୍ରାଣନାଥ ମହାବିଦ୍ୟାଳୟରୁ ଯୁକ୍ତଦୁଇ କଳାରେ ଉତ୍ତୀର୍ଣ୍ଣ ହୋଇଥିଲି। ସମୟକ୍ରମେ ଜଟଣୀ ମହାବିଦ୍ୟାଳୟରେ ବି.ଏ. ଯାଏ ପଢିଥିଲି।

ମାତ୍ର ପିଲାଟି ଦିନରୁ ଅଭିନୟ ପ୍ରତି ମୋର ଖୁବ୍ ଦୁର୍ବଳତା ଥିଲା। କିନ୍ତୁ ଅରଗୁଳ ମଧ୍ୟଇଂରାଜୀ ବିଦ୍ୟାଳୟରେ ପଢୁଥିଲାବେଳେ ସେଠାରେ ସେହିବର୍ଷ ଆୟୋଜିତ ଗଣେଶପୂଜା ଅବସରରେ ଏକ ଗୀତିନାଟ୍ୟ ହୋଇଥିଲା। ଶ୍ରୀଗଣେଶ ଗୀତିନାଟ୍ୟରେ ଶିବଙ୍କ ଭୂମିକାରେ ମୁଁ ଅଭିନୟ କରିଥିଲି । ସେହି ଗୀତିନାଟ୍ୟରେ ମୋ ଅଭିନୟକୁ ଗୁରୁଜନମାନେ ଦେଖି ମୋତେ ଖୁବ୍ ପ୍ରଶଂସା କରିଥିଲେ। ଏଥିରେ ଖୁସୀ ହୋଇପଡ଼ିଥିଲି। ମନରେ ଅଧିକ ଉତ୍ସାହ ବଢିଯାଇଥିଲା। ଏମିତିରେ ମୋ ବାପା ଥିଲେ ଜଣେ ପାଲାକାର । ଆଉ ଦାଦା ବି ଜଣେ କଳାକାର। ନାଟକ ହେଉ କି ଗୀତିନାଟ୍ୟ ସେଥିରେ ତାଙ୍କର ନିଖୁଣ ଅଭିନୟ ଦେଖି ମତେ ଖୁବ୍ ଖୁସୀ ଲାଗୁଥିଲା। ଥରେ ଦାଦାଙ୍କ ସହିତ ପୁରୀ ଯାଇଥିଲି। ସେଠାରେ ଏକ ନାଟକ ଦେଖିଲି। ଓଡ଼ିଶାର ଜଣାଶୁଣା ଅଭିନେତା ତଥା ନିର୍ଦ୍ଦେଶକ ଦୁଃଖିରାମ ସ୍ୱାଇଁଙ୍କ ସହିତ ଭେଟ ହେବାପରେ ଖୁବ ଖୁସି ଲାଗିଥିଲା। ସମୟକ୍ରମେ ଓଡ଼ିଶାର କେତୋଟି ସୌଖୀନ ଯାତ୍ରାମଞ୍ଚ ଓ ଯାତ୍ରାପାର୍ଟିରେ ଏପରି କି ବରୁଣେଇ, ସୁକନ୍ୟା, ତାରିଣୀ ଆଦି ଗଣନାଟ୍ୟରେ କେବେ ନାୟକ ତ ପୁଣି କେବେ ଖଳନାୟକ ପୁଣି ଅତିସାଧାରଣ ଲୋକଙ୍କ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିଥିଲା।

ନାଟକ ଲେଖାବା ପାଇଁ ସମାଜରେ ଘଟୁଥିବା କିଛି ଘଟଣାର ସତ କାହାଣୀ ମତେ ଅନ୍ୟମନସ୍କ କରିଦିଏ। ଏଥିପାଇଁ ସେହି କାହାଣୀ ଭିତରେ ମୁଁ ହଜିଯାଏ। ନିଜକୁ ନିଜେ ପଚାରେ ପୁଣି କଥା ହୁଏ । ଏମିତିରେ ଗାଁଲୋକଙ୍କ ବ୍ୟବହାରିକ ଭାଷା, ଢଗଢମାଳି ମନକୁ ଆସେ। ସେହି କଥାଗୁଡ଼ିକୁ ମନେରଖିବା ପାଇଁ ପାଖରେ ଥିବା କାଗଜରେ ଟିପିଦିଏ। କିନ୍ତୁ କେତେକ ଘଟଣାର ଆରମ୍ଭ କେଉଁଠି ତା'ର କାରଣ ଖୋଜୁଖୋଜୁ ଲେଖୁଥିବା କଥାଗୁଡ଼ିକ ସଂଳାପ ପାଲଟିଯାଏ । ତା'ପରେ କାହାଣୀ ଭିତରର ଚରିତ୍ରମାନେ ଆପେ ଆପେ ଅଭିନୟ କରନ୍ତି। ଶେଷରେ ସେହି କାହାଣୀଟି ନାଟକ ହୋଇଯାଏ। ସେଥିରେ ସ୍ଥାନ, କାଳ, ପାତ୍ରକୁ ଜଗିରଖି ସଜାଡ଼ିବାକୁ ପଡ଼େ। ଘଟଣାର କାରଣ–ନିରାକରଣ, ଦୁଃଖସୁଖ, ହସକାନ୍ଦ, ରାଗରୁଷା ଓ ମାନଅଭିମାନ ଆଦି ଭାବକୁ ଉପସ୍ଥାପନା କଲାବେଳେ ମୋ ପରିବାରର ସୁଖଦୁଃଖକୁ ଭୁଲିଯାଇଥାଏ। ତେବେ ୧୯୮୩ମସିହାରେ ପ୍ରଥମେ 'ବାସଚନ୍ଦନ' ନାଟକ ରଚନା କରିଥିଲି । ତା'ପରେ ''ଜହ୍ନଦେଶରେ କରିଛି ଘର, ଜଗନ୍ନାଥ ରୁଷିଛନ୍ତି, ବିଧବା ଛବିର ଚଉଠି କେବେ, ଜଗା ସଜାଡୁଛି ଭଙ୍ଗାଦେଉଳ, ବଳିଆ କାନ୍ଦୁଛି କାଳିଆ ପାଇଁ, ଯଶୋଦା ବିକୁଛି କହ୍ନେଇମାଂସ, ବଡ଼ଦାଣ୍ଡେ ଝୁରେ ଶାନ୍ତିର ବାରି, ଆ ମୋ କୋଳକୁ ଆ, ମିତା ଅପାର ଶାଶୁଘର, ସବାରି ଉଠାରେ ସବାରିବାଲା, ଫୁଲରୁ ଚନ୍ଦନ ଯେତିକି ଦୂର, କଳାମାଣିକ, ବିକ୍ଷତ ଶତାବ୍ଦୀ'' ଆଦି ପ୍ରାୟ ୪୦ଟି ନାଟକ ରଚନା କରିସାରିଛି। କେଉଁଠି ଅପେରାପାର୍ଟି କଳାକାରଙ୍କୁ ନଜରରେ ରଖି ନାଟକ ଲେଖେ ତ ପୁଣି କେଉଁଠି ଚଳନ୍ତି ଘଟଣାର ବିଭିନ୍ନ ପ୍ରସଙ୍ଗକୁ ନେଇ ଭିନ୍ନ ରୁଚିର ନାଟକ ଲେଖିଥାଏ। ଯେବେଠାରୁ ମୋ ନାଟକର ଲୋକପ୍ରିୟତା ପାଇଁ ସଫଳତା ମିଳିଲା ସେବେଠାରୁ ଗୋଟିଏ ପରେ ଗୋଟିଏ ସାମାଜିକ ନାଟକ ଲେଖିଚାଲିଛି। । ନାଟକ ତ ସମାଜର ନିଛକ ଛବି। ପୁଣି କାହାଣୀ ତ ପ୍ରତି ଗାଁରେ ରହିଛି। କିନ୍ତୁ ନାଟକରେ କାହାଣୀ ବାସ୍ତବଧର୍ମୀ ହେବା ଉଚିତ। ନିଯୁକ୍ତି ପାଇ ଏବେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନରେ ପ୍ରଶିକ୍ଷକ ଭାବେ ଗଞ୍ଜାମ,ଗଜପତି ଓ କୋରାପୁଟ ଜିଲା ପାଇଁ କାର୍ଯ୍ୟ କରୁଛି।

ପୁରସ୍କାର ଓ ସମ୍ମାନ ମୋ ପ୍ରତିଭାକୁ ଲୋକଙ୍କ ଭଲପାଇବାର ପରିଚୟ ଦେଇଛି। ଜଣେ ସଫଳ ଯାତ୍ରା ନାଟ୍ୟକାର ଭାବେ ଜଟଣୀ କଲେଜ, ଅରଗୁଳରେ ବରେଣ୍ୟ ନାଟ୍ୟକାର ସମ୍ମାନ, ନାଟ୍ୟକାର ବ୍ୟୋମକେଶ ତ୍ରିପାଠୀ ସ୍ମୃତି ସମ୍ମାନ, ଆଚାର୍ଯ୍ୟ ଯୁବ ପରିଷଦ, ଶ୍ରୀରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ବିଷୁବସମ୍ମାନ, ସବୁଜମୈତ୍ରୀ ସେଚ୍ଛାସେବୀ ସଂଗଠନ ମଥୁରା, ଶ୍ରୀଶ୍ରୀ ଶୁଳିଆଦେବୀ କ୍ଲବ ଓଡ଼ଗାଁ, ତୋଟାପଡ଼ା–ବାଣପୁର, ଦିବ୍ୟସିଂହପୁର, ପୁରୀ ଆଦି ଅନେକ ସ୍ଥାନରୁ ପୁରସ୍କୃତ ହୋଇଛି।। ଓଡ଼ିଶାର ଗ୍ରାମାଞ୍ଚଳରେ ନାଟ୍ୟକଳା ଓ କଳାପ୍ରେମୀ ପ୍ରତିଭାଙ୍କ ବିକାଶ ଦିଗରେ ପ୍ରୟାସ ଚାଲୁ ରଖିଛି।

**–ବନବିହାରୀ ବେହେରା**





# ଗପ ପରି ଜୀବନ, ଜୀବନ ପରି ଗପ

**–ଜଗମୋହନ ମହାରଣା**

**ଖା**ଣ୍ଟି ବ୍ୟାଚ୍‌ଲର ଜୀବନ ବଞ୍ଚୁଥିଲେ ବି ତାକୁ ଅତି ସୁନ୍ଦର ଆଉ ଶୃଙ୍ଖଳିତ କରି ସଜେଇ ପାରିଛି ପ୍ରଦୀପ। ଘରର ଯୋଉ ଜିନିଷ ଯୋଉଠି ରହିବା କଥା ସମସ୍ତେ ନିଜ ନିଜ ଜାଗା ବାଛି ନେଇଛନ୍ତି। ଚପଲ ଷ୍ଟାଣ୍ଡରେ ଚପଲ, ହେଲମେଟ ଜାଗାରେ ହେଲମେଟ, ମୋବାଇଲ ପାଖରେ ଚାର୍ଜର। ଏମିତି କି ସୋରିଷ ଡବା ଜାଗା ଜିରା ନିଏନି କି ହଳଦୀ ଜାଗା ଲୁଣ ନିଏନି। ଘରଟି ତା'ର ପରିଷ୍କାର ପରିଚ୍ଛନ୍ନ।

ସେମିତି ରୋଷେଇବାସରେ ଏତେ ପାରିବାର ଯେ, ଝିଅମାନେ ବି ପଛରେ ପଡିଯିବେ। ତା'ହାତରେ ସାଦା ଡାଲମା ଟିକେ ଫୁଟେଇଦେଲେ ବି ଦୁଇମହଲା ଉପରୁ ତଳକୁ ବାସୁଥିବ। ତଥାପି ବେଳେବେଳେ ଫୋନ୍ କରେ। ସିଧା କହେ ଭାଇ ସଜନା ଛୁଇଁ, ଆଳୁ, ବଡ଼ି ଆଉ ବାଇଗଣ ପକେଇ ଗୋଟେ ତରକାରୀ କରିଥାନ୍ତି। ସବୁ ମାଲ୍ ରେଡ଼ି କରିଦେଇଛି। ଦେଖିଲା ବେଳକୁ ସୋରିଷ ଡବା ଖାଲି। ତୁମକୁ ଅନେଇ ବସିଲି ଶୀଘ୍ର ଧରିକି ଆସ।

ସେ ମତେ ଆଉ ପଚାରିବନି ଯେ, କୋଉଠି ଅଛ? ଆସିପାରିବ କି ନାହିଁ? ମୁଁ ଯେତେବେଳେ କହେ ଆରେ ଭାତ ବସେଇଦେଇଛି, ଭେଣ୍ଡିଆଳୁ କାଟି ଦେଇଛି ଭାଜିବି, ସେ କହେ କଟା ଭେଣ୍ଡି ଜରିରେ ଭରି ଧରିଆସ। ଏଇଠି ଭାଜିବା। ହଁ ସୋରିଷଟା ଆଣିବାକୁ ଭୁଲିବନି। ତା' କଥା ମୁଁ ଭାଙ୍ଗିପାରେନି। ସବୁ ଯୋଗାଡ଼ କରି ବ୍ୟାଗରେ ଭରି ନେଇଯାଏ। ଜବରଦସ୍ତ ରୋଷେଇ କରେ। ଭଲ କି ବାଢ଼ିଦିଏ। ଖାଇବା ଆରମ୍ଭ ବେଳକୁ କଷି କାକୁଡିରେ ଭଲ ଦହି ସାଲାଡ୍ ବି କରେ।

କିନ୍ତୁ ମୋ ଜୀବନଟି ସମ୍ପୂର୍ଣ୍ଣ ଓଲଟା। ବିକ୍ଷିପ୍ତ। ଅସଜଡ଼ା ଆଉ ଅସୁନ୍ଦର। ଦିନ ୧୨ଟାରେ ସକାଳର ଚା' ପିଏ। ଗୋଟେ ବେଳକୁ ମାଛ କିଣିବାକୁ ବଜାର ଯାଏ। ୨ଟାରୁ ରୋଷେଇ ଆରମ୍ଭ ହୁଏ, ଖାଉ ଖାଉ କୋଉଦିନ ୩ଟା ତ କୋଉଦିନ ଖାଇବା କ୍ୟାନସେଲ୍। ସବୁ କାମ ଭିତରେ ଅଖିଳମୋହନ ପଟ୍ଟନାୟକଙ୍କ ଝଡର ଇଗଲ୍ ଓ ଧରଣୀର କୃଷ୍ଣସାର ପଢ଼ା ଚାଲିଥାଏ। ପ୍ରେସରରେ ଡାଲି ବସିଥିବ। ସଫା ହେବ ବୋଲି ୱାଶରୁମ୍‌ରେ ଜିନ୍ ପ୍ୟାଣ୍ଟ ବତୁରା ହୋଇଥିବ, ମଝିରେ ମଝିରେ ରିପୋର୍ଟରଙ୍କ ଏକାଧିକ ଫୋନର ଉତ୍ତର ଦିଆ ଚାଲିଥିବ, ପ୍ରେମିକା ଫୋନ୍ କରି ତାଗିଦ୍ କରୁଥିବ ବାବୁଙ୍କର ପହଡ଼ ଭାଙ୍ଗିଲାଣି ନା ନାହିଁ, ରୋଷେଇବାସ କରିଛ ନା ଅଫିସ୍ କ୍ୟାଣ୍ଟିନରେ ଖାଇବ? ବାରମ୍ବାର ଫୋନ୍‌ଟା କଲା ପରେ ବି ଉଠେଇପାରୁନ? ଯେତେବେଳେ ଦେଖିଲେ ଏନଗେଜ୍? ଖାଲି ତ କାମ କାମ? ସତରେ କାମ କରୁଛ ନା ଆଉ କୋଉ ଝିଅ ସହ ଗପୁଛ? ତମ କଲ୍ ରେଜିଷ୍ଟର୍ ଦିନେ ଚେକ୍ କରିବି। ଦେଖିବି ମୋ ବାଦ୍ ଆଉ କେତେ ଝିଅଙ୍କ ନମ୍ବର ତୁମ ଫୋନ୍‌ରେ। ଏ ସବୁ ପରେ ପ୍ରଦୀପର ଫୋନ୍ ଆସେ। କହେ ଭାଇ ଆଜି ତୁମର କ'ଣ ରୋଷେଇ? ମୁଁ ତୁମ ଗେଟ୍ ବାଟ ମୁହଁରେ। ସେତେବେଳେକୁ ମୋର ଚାଉଳ ଧୁଆ ହେଉଥିବ। ପ୍ରଦୀପ ଆସିଲେ ସିଧା ଖଟ ଉପରେ ଚିତ୍‌ପଟାଙ୍ଗ୍ ହୋଇ ଶୋଇଯିବ। ନା ପରିବା କାଟିବ, ନା ପେଜଗାଳିବ, ନା ସାଲାଡ୍ କରିବ ନା ପାମ୍ପଡ ସେକିବ। ମୋର ଯୋଉଠି ନ ଖାଇଲେ ବି ବେଫିକର୍ ଅଫିସ୍ ପଳେଇ ଯିବାରେ କିଛି ଅସୁବିଧା ନ ଥାଏ, ସେଠି ପ୍ରଦୀପ ଆସିଲେ ପୁଣି ସବୁ ମୂଳରୁ ଆରମ୍ଭ ହୁଏ।

ହେଲେ ବଡ଼ ଅଜବ, ତା' ରୁମ୍‌କୁ ଗଲେ ମତେ କିଛି କରେଇଦବନି, କିନ୍ତୁ ମୋ ରୁମ୍‌କୁ ଆସିଲେ କିଛି କରିବନି। ସବୁ ଖାଲି ଗୋଟେ ପରେ ଗୋଟେ ବାହୁନି ଚାଲିବ। କହିବ ଭାଇ ଶାର୍ଟପ୍ୟାଣ୍ଟ ଆଇରନ୍ କରୁନ। ଠାକୁରଙ୍କ ପାଇଁ ଗୋଟେ ଖଟୁଲି ଆଣୁନ? ତମେ ଗୋଟେ ଫ୍ରିଜ୍ ନେଇ ଆସ। କମ୍ପ୍ୟୁଟର ଟେବୁଲ୍ ସଜାଇ ଦେଉନ? ଭାଇ ତୁମର ଏ ଅସଜଡା ଘର ଦେଖିଲେ ତୁମ ପ୍ରେମିକା ରାଗରେ ପାଚି ନାଲି ପଡିଯିବ? ସେ ଏ ଘରକୁ କେବେ ଆସିଛି ନା ଆସିନି? ଭିଡିଓ କଲ୍ କରି ଦେଖେଇବି କି ତାକୁ ତୁମ ଦୁର୍ଗୁଣ ଆଉ ତୁମ ବେପରୁଆ ବେଫିଖର ଜୀବନ?

ମୁଁ ସେତେବେଳେ ହସେ। କହେ ଆରେ ଏମିତି ଗୋଟେ ଅସଜଡା ବେପରୁଆ ଜୀବନକୁ କିଏ କାହିଁ ସଜେଇବାକୁ ପସନ୍ଦ କରିବ କହିଲୁ? ଯିଏ ପରକରେ ସେ ପ୍ରେମିକା। ଯିଏ ନିଜର କରିବ ସିଏ ମନମନ୍ଦିରରେ ଦେବୀଟିଏ ହୋଇ ପୂଜା ପାଇବ। ଛାଡ଼୍। ଡାଲି ଟିକେ ଚାଖିଲୁ ଲୁଣ ପଡ଼ିଛି ନା ନାହିଁ? ପ୍ରଦୀପ କୁହେ ହଁ ଠିକ୍ ଅଛି। ବାଢ ଖାଇବା। ଏମିତି କଥାବାର୍ତ୍ତା ଭିତରେ ଖିଆ ସରେ। ପ୍ରଦୀପ ତା' ରୁମ୍‌କୁ ଯାଏ। ଆଉ ମୁଁ ବାହାରି ଯାଏ ଅଫିସ୍। ପ୍ରଦୀପ କୁହେ ଭାଇ ତୁମ ଘରଟି ସିନା ଅସଜଡ଼ା, ବିକ୍ଷିପ୍ତ, ହେଲେ ତୁମ ମନଟି ତ ବେଶ୍ ସୁସଜ୍ଜିତ, ସୁନ୍ଦର... ତଥାପି ଏତେ ଶୂନ୍ୟତା କ'ଣ ପାଇଁ?

ପ୍ରଦୀପ ପାଇଁ ମୋ ପାଖରେ କିଛି ଉତ୍ତର ନ ଥାଏ। ସେପଟୁ ରୋନିର ଫୋନ୍ ଆସେ। କହେ ଆଜି ଘରେ ରୋଷେଇ କରନି। ଶୀଘ୍ର ବାହାରି ପଳେଇ ଆସ। ତୋଷାଳୀରେ ସ୍ପେସାଲ୍ ଓଡ଼ିଆ ଥାଳି ଖାଇବା। ପ୍ରଦୀପକୁ କୁହ ସେ ବି ଆସୁ। ମୁଁ ପିପିକୁ ସାଙ୍ଗରେ ନେଇକି ଯିବି। ପ୍ରଦୀପ କହେ, ଭାଇ କେତେଦିନ ଆଉ ତୋଷାଳୀରେ ଖାଇବ? ରୋନିକୁ କୁହ ସେ ତମ ଘର ସବୁଦିନ ପାଇଁ ସଜେଇଦେଉ...

**–ପ୍ରେମବଣ, ଗଞ୍ଜେଇଡିହ, ଢେଙ୍କାନାଳ**
ମୋ–୯୫୮୩୨୯୦୫୭୦

## ଅଭିନୟ

**–ସୁଜାତା ମହାପାତ୍ର**

**ଘ**ରଭଳି ଦିଶୁଥିବା ଚାରିକାନ୍ଥ, ଛାତ
ଭିତରେ କୁହୁଳୁଛି କିଛି , କୁରୁଳୁଛି କିଛି !

କିଛି ନିଃଶ୍ୱାସ, ଯେ ତିଆରିଥିଲା ଏ କାନ୍ଥମାନଙ୍କୁ
ହଳେ ହାତ, ଯେ ଗଢିଥିଲା ଏକ ବିଶ୍ୱସ୍ତ ଛାତ
ହଳେ ପାଦ, ଯେ ମାପିଥିଲା ଏକ ସୁଦୃଢ଼ ପୃଥିବୀ
ହଳେ ଆଖି, ଯେ ମାଖିଥିଲା ଇନ୍ଦ୍ରଧନୁର ସାତ ରଙ୍ଗ

ଆଜି ସବୁକିଛି ଅନିଶ୍ଚିତତାରେ !

ମଞ୍ଚ ଉପରୁ ସରି ସରି ଆସୁଛି ଅଭିନୟ
ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ନିର୍ଦ୍ଦିଷ୍ଟ ସମୟ ସହ
ହଜିଯାଉଛି ଆଲୁଅ,
ଶୂନ୍ୟ ଗ୍ୟାଲେରୀରେ
ନିସ୍ପୃହ ଭିଡ଼ ଭିତରେ ।

ମଞ୍ଚ ଉପରକୁ ଶିଡ଼ି କରି ଚଢାଇଥିବା ହାତ ସବୁ
ଓହ୍ଲାଇ ସାରିଲେଣି ଅନେକ ବେଳୁ,
ବାକି ଅଛି କେବଳ ଦୃଶ୍ୟଶେଷର ଯବନିକା !

ଏରୁଣ୍ଡି ବନ୍ଧରେ ଅପେକ୍ଷାରତ କର୍ତ୍ତବ୍ୟ !

ଖଣ୍ଡେ ଭସା ବାଦଲ ସହ
କିଛି ନିଃଶ୍ୱାସ ଆସକ୍ତିର
କିଛି ଆଶ୍ୱାସନାର...

ଦଲକାଏ ଚିହ୍ନା ପବନ ପ୍ରତିଶ୍ରୁତିର
ଅସରାଏ ବର୍ଷା ପ୍ରତାରଣାର !

ଅଭିନେତାଙ୍କର କୋଉ ବା' ଅଭାବ ଯେ'
ନିଜକୁ ନିଜେ ଦୋହରାଇବ ଏବେ ଇତିହାସ !

**– ଶିବାନୀ ଏନ୍‌କ୍ଲେଭ୍, ବମିଖାଲ,**
**କେନାଲ ରୋଡ୍**
ମୋ–୯୪୩୭୩୬୦୯୬୪

## ତିନୋଟି ଏକପଦୀ

**–ରଜତ ମହାନ୍ତି**

**ତୁମ ପାଇଁ....**
ତୁମେ ସ୍ୱପ୍ନଟିଏ
ଯାହାକୁ ଛୁଇଁବା
ସହଜ ନୁହେଁ ମୋ ପାଇଁ,
ତଥାପି କାହିଁକି
ମୋ ମନେ ଜୁଆର
ଭରିଦିଅ ଜହ୍ନ ହୋଇ ?

**ମରିଚୀକା....**
ମୋ ଅଶ୍ରୁରେ ଓଦା
କଲି କିଛି ଦିନ
ଆଉ ରହିଯାଉ ବୋଲି,
ହେଲେ
ତୁମ ହାତଗଢ଼ା
ସେ ବାଲିଘର ବି
ଜିତିଗଲା ଜିଦ୍‌କରି।

**ପୃଥିବୀ ପ୍ରତି....**
ଚାହିଁବି ନାହିଁ ମୁଁ
ତୁଟିଯାଉ କେବେ
ଧରା ପ୍ରତି ମୋହ ମୋର,
ମୃତ୍ୟୁ ସହ ତୁମେ
ଅମରାବତୀ କୁ
ଯେତେ ଓ ଯେମିତି ଯୋଡ଼।

**– ବଳଗଣ୍ଡି, ପୁରୀ**
ମୋ– ୮୯୦୮୦୬୬୫୬୨





# ସୁପର ମଡେଲ ଦିଶା

ଦିଶା ପଟାନିଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଗୋଟିଏ ପଟେ ବୟଫ୍ରେଣ୍ଡ ତଥା ହିନ୍ଦୀ ସିନେମା ଜଗତର ୟଙ୍ଗ ସେନ୍‌ସେସନ ଭାବରେ ପରିଚିତ ଟାଇଗର ଶ୍ରଫଙ୍କ ସହ ଆଫେୟାର୍ସକୁ ନେଇ ଆଲୋଚନା ଥମିବାର ନାଁ ନେଉନାହିଁ। ସେପଟେ ଦିଶା ଖୁବ୍ ଶୀଘ୍ର ସୁପର ମଡେଲ ଭାବେ ଉଭା ହେବେ। ଏହାର ଅର୍ଥ ନୁହେଁ ଯେ ସେ ଆକ୍ଟିଂକୁ ଗୁଡ୍‌ବାୟ କରି ମଡେଲିଂକୁ ଆପଣେଇ ନେବେ। ଅସଲ କଥା ହେଲା ସଲମାନ୍ ଖାଁ ଅଭିନୀତ ତଥା ନିର୍ମାଣାଧୀନ ହିନ୍ଦୀ ସିନେମା 'ରାଧେ : ୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ'ରେ ଦିଶା ଜଣେ ସୁପର ମଡେଲ ଭାବରେ ଅଭିନୟ କରୁଛନ୍ତି। ଦିଶା କହନ୍ତି, 'ଏପରି ଏକ ଭୂମିକା ପାଇ ମୁଁ ଖୁସି। ତା'ଠାରୁ ଅଧିକ ଖୁସି ପଛରେ ଆଉ ଏକ କାରଣ ରହିଛି। ତାହା ହେଲା ମୋର ଅନେକ ଦିନରୁ ଇଚ୍ଛା ଥିଲା ସଲମାନ୍‌ଙ୍କ ସହ ଅଭିନୟ କରିବି। ଆଜି ତାହା ପୂରଣ ହୋଇଛି। ଯେତେବେଳେ ମୋତେ ଏହି ଅଫର ମିଳିଲା ତାହା ମୁଁ ବିଶ୍ୱାସ କରିପାରି ନ ଥିଲି। କାରଣ ତାଙ୍କ ପରି ଅଭିନେତାଙ୍କ ସହ ଆକ୍ଟିଂ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ।' ଏହି ଫିଲ୍ମଟି ଆସନ୍ତା ବର୍ଷ ଜାନୁୟାରୀ ୨୬ରେ ରିଲିଜ ହେବାର ଯୋଜନା ରହିଛି।



# ବ୍ୟସ୍ତ ଅଛନ୍ତି ନୱାଜୁଦ୍ଦିନ

ସତରେ ୟାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢାଳିବା। ଦେଖୁନାହାନ୍ତି, ନୱାଜୁଦ୍ଦିନ ସିଦ୍ଦିକ କେମିତି ଗୋଟିଏ ପରେ ଗୋଟିଏ ଫିଲ୍ମ ସାଇନ୍ କରିଚାଲିଛନ୍ତି। ସେପଟେ ତାଙ୍କ ଅଭିନୀତ କେତୋଟି ସିନେମା ରିଲିଜ ଅପେକ୍ଷାରେ ରହିଛି। ଏବେ ସେ ଏମିତି ବ୍ୟସ୍ତ ଅଛନ୍ତି ଯେ ନୂଆ ସିନେମା ପାଇଁ ତାଙ୍କ ହାତରେ ଡେଟ୍ ନାହିଁ। ଏ ସମ୍ପର୍କରେ ନୱାଜୁଦ୍ଦିନ କହନ୍ତି, 'ନିକଟରେ ମୁଁ ଇରୋସ ଇଣ୍ଟରନ୍ୟାଶନାଲ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେବାକୁ ଯାଉଥିବା 'ଅନୱର କା ଅଜବ କିସ୍ସା'ରେ ଅଭିନୟ କରିବାକୁ ଯାଉଛି। ଏଥିରେ ମୋତେ ଏକ ମନଲାଖି ଭୂମିକା ମିଳିଛି। ଏହାବ୍ୟତୀତ ଜୟଦୀପ ଚୋପ୍ରାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା 'ସଙ୍ଗୀନ୍'ରେ ମଧ୍ୟ ଆକ୍ଟିଂ କରିବି। ଏଥିରେ ମୋ ଅପୋଜିଟ୍‌ରେ ଅଛନ୍ତି ଏଲନାଜ ନୋରୌଜି। କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ମୁଁ ତାହାର କାହାଣୀ ଏବଂ ସେଥିରେ ମୋତେ ମିଳୁଥିବା ଭୂମିକାକୁ ଭଲ ଭାବରେ ତର୍ଜମା କରିଥାଏ। ଏବେ ମୁଁ ଯେତିକି ସିନେମା ସାଇନ୍ କରିଛି ତାହାର ଶୁଟିଂ ପାଇଁ ଡେଟ୍ ଫାଇନାଲ ସରିଛି। ତେଣୁ ବର୍ତ୍ତମାନ ନୂଆ ଅଫର ଗ୍ରହଣ କରିବାକୁ ମୋ ପାଖରେ ସମୟ ନାହିଁ।' ଏହାବ୍ୟତୀତ 'ନୋ ମ୍ୟାନ୍‌ସ ଲ୍ୟାଣ୍ଡ' ଟାଇଟଲ ବିଶିଷ୍ଟ ଏକ ତ୍ରିଭାଷୀ (ହିନ୍ଦୀ, ଇଂଲିଶ ଏବଂ ବାଂଲାଦେଶୀ) ଫିଲ୍ମରେ ମଧ୍ୟ ନୱାଜୁଦ୍ଦିନ ଅଭିନୟ କରିବାକୁ ଯାଉଛନ୍ତି।

# ଭଉଣୀ ହେବ ଏମିତି

ସତରେ ଭଉଣୀ ହେବ ଏମତି। ଦେଖୁନାହାନ୍ତି ଶୁଟିଂରୁ କିଛି ଦିନର ବ୍ରେକ୍ ମିଳିବା ପରେ ସେ କେମିତି ସିଧା ଘରମୁହାଁ ହୋଇଛନ୍ତି। କଥା କ'ଣ କି ଜାହ୍ନବୀ କପୁର ଏବେ ଏକ ଅନଟାଇଟଲ୍‌ଡ ଫିଲ୍ମର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହାର ପ୍ରଥମ ପର୍ଯ୍ୟାୟ ଶୁଟିଂ ଶେଷ ହେବା ପରେ ଜାହ୍ନବୀ ସିଧା ବମ୍ବେ ଫେରି ଆସିଛନ୍ତି। ଶୁଟିଂକୁ ଯିବା ସମୟରେ ତାଙ୍କର ସାନ ଭଉଣୀ ଖୁସିଙ୍କୁ ସେ କଥା ଦେଇଥିଲେ ଯେ ଏଥିରୁ ସାମୟିକ ବ୍ରେକ୍ ପାଇବା ମାତ୍ରେ ସେ ଘରକୁ ଫେରିବେ। ତାଙ୍କର କଥା ରଖି ଜାହ୍ନବୀ ଏବେ ପରିବାର ସହ ସମୟ କଟାଉଛନ୍ତି। ତା'ସହ ଦୁଇ ଭଉଣୀ ମିଶି ଦୁହିଁଙ୍କର ସ୍ମରଣୀୟ ଫଟୋଗୁଡିକୁ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ଶୁଣିବାକୁ ମିଳୁଛି ଯେ ଖୁସିଙ୍କର ବଲିଉଡ୍ ଏଣ୍ଟ୍ରି ପାଇଁ ବଡ଼ ଭଉଣୀ ବେଶ୍ ତତ୍ପର। ଏ ନେଇ ଜାହ୍ନବୀ କୁଆଡେ ଏକ ବଡ଼ ବ୍ୟାନରରେ ଲବି କରୁଛନ୍ତି ବୋଲି ଆଲୋଚନା ହେଉଛି।


ସାନ୍ୟା


ଜାହ୍ନବୀ

# ଭାଗ୍ୟକୁ ନିନ୍ଦୁଛନ୍ତି କିଆରା

ନିକଟରେ ତାଙ୍କୁ କେତୋଟି ଭଲ ଅଫର ମିଳିଥିଲା। ହେଲେ ସେଗୁଡ଼ିକୁ ହାତଛଡ଼ା କଲେ କିଆରା ଆଡୱାନୀ। ଏବେ ତ କୋଭିଡ୍ ଗାଇଡଲାଇନ୍ ଅନୁସାରେ ଶୁଟିଂ ଆରମ୍ଭ ହୋଇଯାଇଛି। ୟା ଭିତରେ ତାଙ୍କୁ ଦୁଇଟି ନୂଆ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। ହେଲେ ଠିକ୍ ବେଳକୁ ସେ ଏଥିରେ ଅଭିନୟ କରିବାକୁ ମନା କରିଦେଇଥିଲେ। ଶୁଣିବାକୁ ମିଳୁଛି ଯେ, ପାରିଶ୍ରମିକ ବାବଦରେ ପ୍ରଯୋଜକଙ୍କ ସହ ତାଙ୍କର ସହମତି ହୋଇପାରି ନ ଥିଲା। ଏ ସମ୍ପର୍କରେ କିଆରା କୁହନ୍ତି, 'ନିକଟରେ ଦୁଇଟି ଅଫର ମୁଁ ହାତଛଡ଼ା କରିଛି, ଏ କଥା ସତ। ହେଲେ ଏବେ ଭାବୁଛି ସେହି ଅଫରକୁ ଗ୍ରୀନ୍ ସିଗ୍‌ନାଲ ଦେଖାଇଥିଲେ ଭଲ ହୋଇଥାଆନ୍ତା। ଛାଡନ୍ତୁ, ଏବେ କେବଳ ଅନୁଶୋଚନା କରିବା ହିଁ ସାର। ହେଲେ ଯାହା ଶୁଣିବାକୁ ମିଳୁଛି ଯେ, ପାରିଶ୍ରମିକ ପାଇଁ ମୁଁ ଅଫରଦ୍ୱୟ ହାତଛଡ଼ା କରିଛି ତାହା ସମ୍ପୂର୍ଣ୍ଣ ଭୁଲ। କେହି ମୋତେ ବଦନାମ କରିବାକୁ ଏପରି ପ୍ରଚାର କରୁଛି।' ଅନ୍ୟ ପକ୍ଷରେ କରନ୍ ଜୋହରଙ୍କ ପ୍ରଯୋଜିତ ଏବଂ 'ଗୁଡ୍ ନ୍ୟୁଜ୍'ର ନିର୍ଦ୍ଦେଶକ ରାଜ୍ ମେହେଟାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେବାକୁ ଯାଉଥିବା ଅନଟାଇଟଲ୍‌ଡ ନୂଆ ସିନେମାରେ ବରୁଣ ଧାୱନଙ୍କ ଅପୋଜିଟ୍‌ରେ ନାୟିକା ସାଜୁଛନ୍ତି କିଆରା।


କିଆରା

# ଚାଲିଛି ନାୟିକା ଖୋଜା

'ବାହୁବଲୀ' ଫେମ୍ ପ୍ରଭାସ ଏବଂ ସୈଫ ଅଲ୍ଲୀ ଖାଁ ପ୍ରଥମ ଥର ପାଇଁ ଏକାଠି ଅଭିନୟ କରିବାକୁ ଯାଉଛନ୍ତି। ଚଳଚ୍ଚିତ୍ରଟି ହେଲା 'ଆଦିପୁରୁଷ'। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ହେଲେ ପ୍ରଭାସ ଏବଂ ସୈଫଙ୍କ ସହ ନାୟିକା ଭାବରେ କିଏ ସ୍କ୍ରିନ୍ ଶେୟାର କରିବ ସେ ନେଇ ପ୍ରାୟ ଦୁଇ ସପ୍ତାହ ଭିତରେ ଫାଇନାଲ ହେବ ବୋଲି ସୂଚନା ଦେଇଛନ୍ତି ଏହାର ନିର୍ଦ୍ଦେଶକ ଓମ୍ ରାଉତ। ଅନ୍ୟପକ୍ଷରେ ଏହି ଅଫର ପାଇବା ପରେ ପ୍ରଭାସଙ୍କ ଖୁସି କହିଲେ ନ ସରେ। ଏଥିପାଇଁ ସେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। ଏ ସମ୍ପର୍କରେ ପ୍ରଭାସ କହନ୍ତି, 'ଏହି ବିଗ୍ ବଜେଟ ଫିଲ୍ମର କାହାଣୀରେ ଭିନ୍ନତା ରହିଛି। ବିଶେଷଭାବରେ ଏହାର ଉପସ୍ଥାପନା କିପରି ଦର୍ଶକଙ୍କ ମନକୁ ଛୁଇଁପାରିବ ସେ ନେଇ ପ୍ରଯୋଜନା ସଂସ୍ଥା ଦିନ ରାତି ଏକାଠି କରିଦେଇଛନ୍ତି। ମୋର ଯେତିକି ବିଶ୍ୱାସ ଏହି ଫିଲ୍ମଟି ଦର୍ଶକଙ୍କୁ ଶତପ୍ରତିଶତ ଏଣ୍ଟରଟେନ୍ କରିବ।' ଅନ୍ୟପକ୍ଷରେ 'ଆଦିପୁରୁଷ'ର ବଜେଟ୍ ପାଖାପାଖି ୪୦୦କୋଟି ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ପ୍ରଭାସଙ୍କ ସହ ଅଭିନୟ କରିବାକୁ ସୈଫ ଚାହିଁ ବସିଛନ୍ତି। ତେବେ ଏହି ଦୁଇ ଜଣଙ୍କର ନାୟିକା କିଏ ସାଜୁଛି ତାହା ଦେଖିବାକୁ ବାକି ରହିଲା।

ପ୍ରଭାସ


# ଆମୀରଙ୍କ ପ୍ରଶଂସାରେ ସାନ୍ୟା

ସୁପରହିଟ୍ ଫିଲ୍ମ 'ଦଙ୍ଗଲ'ର ବବିତା ଫୋଗଟ ଚରିତ୍ରରୁ ଆରମ୍ଭ ହୋଇଥିଲା ତାଙ୍କର ବଡ଼ ପରଦା କ୍ୟାରିୟର। ପୁଣି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ଆମୀର ଖାଁଙ୍କ ସହ ଆକ୍ଟିଂ କରିବା କ'ଣ ଛୋଟ କଥା ? ସେପରି ମୁହୂର୍ତ୍ତକୁ ଏବେ ବି ମନେ ପକାଉଛନ୍ତି ସାନ୍ୟା ମାଲହୋତ୍ରା। କେବଳ ସେତିକି ନୁହେଁ, ଏବେ ତାଙ୍କ ମୁହଁରେ ଆମୀରଙ୍କ ପ୍ରଶଂସା ଶୁଣିବାକୁ ମିଳୁଛି। ଏ ବିଷୟରେ ସାନ୍ୟା କହନ୍ତି, 'ଆକ୍ଟିଂକୁ ନେଇ ମୋ ମନରେ ଅନେକ ଆଶଙ୍କା ରହିଥିଲା। ହେଲେ ଆମୀରଙ୍କ ପରି ମହାନ ଅଭିନେତାଙ୍କ ସହ ଅଭିନୟ କରିବା ପରେ ମୁଁ ଏ ନେଇ ଅନେକ କିଛି ଶିଖିପାରିଛି। ତାଙ୍କୁ ମୁଁ ମୋର ଅଭିନୟ ଗୁରୁ ଭାବରେ ଗ୍ରହଣ କରିଛି। ଶୁଟିଂ ସମୟରେ ସେ ମୋତେ ଯେଉଁ ଟିପ୍ସ ଦେଇଥିଲେ ତାହା କେତେ ଉପାଦେୟ ଥିଲା ଏବେ ଜାଣିପାରୁଛି।' ହେଲେ ଏହି ଭୂମିକା ପାଇବା ପାଇଁ ଯେଉଁ ଅଡିସନ୍ ହୋଇଥିଲା ତାହା ମାସେ ପର୍ଯ୍ୟନ୍ତ ଚାଲିଥିଲା। ପାଖାପାଖି ୧୦,୦୦୦ ନବାଗତା ଏହି ଅଡିସନ୍‌ରେ ଭାଗ ନେଇଥିଲେ। ହେଲେ ଶେଷରେ ସାନ୍ୟାଙ୍କୁ ଏଥିପାଇଁ ମନୋନୀତ କରାଯାଇଥିଲା।

ପ୍ରଥମ ରୋଜଗାର

# ରୋଜଗାର ଟଙ୍କାରେ ଠାକୁରଙ୍କ ପାଖେ ଭୋଗ ହୋଇଥିଲା

ସମ୍ବଲପୁରର ବୁର୍ଲାଠାରେ ମୋ ଜନ୍ମ। ହେଲେ ଚାକିରି କ୍ଷେତ୍ରରେ ବାପାଙ୍କ ବଦଳି ଯୋଗୁ ସ୍କୁଲ୍ ଶିକ୍ଷା ମୋର ବିଭିନ୍ନ ସ୍ଥାନରେ ହୋଇଥିଲା। ଶେଷରେ ଭୁବନେଶ୍ୱର ୟୁନିଟ୍-୧ ସ୍ଥିତ ସରକାରୀ ବାଳକ ଉଚ୍ଚବିଦ୍ୟାଳୟରୁ ମାଟ୍ରିକ ପାସ୍ କରିବା ପରେ ମହର୍ଷି କଲେଜରେ ଯୁକ୍ତ ୨ ବିଜ୍ଞାନ ପଢ଼ିଥିଲି। ଏହି ସମୟରେ ଦୂରଦର୍ଶନ ଓଡ଼ିଆ (ଡି.ଡି.- ୬)ରେ ଏକ ରଙ୍ଗାରଙ୍ଗ ପ୍ରୋଗ୍ରାମ ଦେଉଥିଲା। ପ୍ରୋଗ୍ରାମଟି ସରିବା ପରେ ମତାମତ ଜଣାଇବା ପାଇଁ ଟିଭି ସ୍କ୍ରିନ୍‌ରେ ଏକ ନମ୍ବର ଓ ଠିକଣା ଆସୁଥିଲା। ଯେହେତୁ ସ୍କୁଲ୍ ଓ କଲେଜ ଫଙ୍କ୍‌ସନରେ ମୁଁ ଅଭିନୟ ସାଙ୍ଗକୁ ଭଲ ନାଚି ପାରୁଥିଲି ତେଣୁ ଆଲବମ୍‌ରେ ଟ୍ରାଏ କରିବା ପାଇଁ ସେହି ନମ୍ବରରେ ଯୋଗାଯୋଗ କଲି। ସେମାନେ ମୋର କେତୋଟି ଫଟୋ ମାଗିଲେ। ବାସ୍ , ତା'ପରେ ମୋତେ 'ବେଣୀ ନୁହେଁ ତତେ ଲୋ ଖୋସା ମାନିବ' ଆଲବମ୍‌ରେ ଅଭିନୟ କରିବାର ସୁଯୋଗ ମିଳିଲା। ସେତେବେଳେ ଗୋଟେ ଦିନର ଶୁଟିଂ ପାଇଁ ୫୦୦ ଟଙ୍କା ପାରିଶ୍ରମିକ ମିଳୁଥିଲା। ଯେଉଁଦିନ ମୋତେ ପ୍ରଥମ କରି ୫୦୦ ଟଙ୍କା ମିଳିଲା, ସେଦିନ ମୋର ଖୁସି କହିଲେ ନ ସରେ। ଟଙ୍କାଟିକୁ ନେଇ ବୋଉ ହାତରେ ଦେଇଥିଲି। ତା' ପରଦିନ ବୋଉ ସେ ଟଙ୍କାରେ ମନ୍ଦିରରେ ଭୋଗ କରିବା ସହ କିଛି ମିଠା କିଣି ଆଣିଥିଲା। ଘରର ସମସ୍ତେ ମିଠା ଖାଇବା ସହ ଆମ ଘରେ ଯେଉଁମାନେ କାମ କରୁଥିଲେ, ସେମାନଙ୍କ ଘରକୁ ବି ମିଠା ପଠାଯାଇଥିଲା। ଏତେ ପରେ ବି ଆହୁରି କିଛି ଟଙ୍କା ବଳିଥିଲା। ମୋର ମନେ ଅଛି, ସେତେବେଳେ ଶହେ ଟଙ୍କାରେ ଭଲ ଭଲ ଟି-ଶାର୍ଟ ମିଳୁଥିଲା। ତେଣୁ ମୁଁ ଦୁଇ ଶହ ଟଙ୍କା ଦେଇ ମୋର ଆଗାମୀ ଆଲବମ୍ ପାଇଁ ଦୁଇଟି ଟି-ଶାର୍ଟ କିଣିଥିଲି। ଏହିପରି ଭାବେ ଆଲବମ୍‌ର ପ୍ରଥମ ରୋଜଗାରକୁ ଖର୍ଚ୍ଚ କରିଥିଲି। କ୍ରମେ ସୁଯୋଗ ମିଳିଚାଲିବାରୁ ଆଲବମ୍ ଜଗତରେ ମୋର ବେଶ୍ ନାଁ ବି ହେଲା। ସବୁ ପରେ ବି ମୋର ଏକ ଡର ଥିଲା। କାରଣ ମୋ ଅଭିନୟକୁ ବୋଉ ସିନା ସପୋର୍ଟ କରୁଥିଲା, ହେଲେ ବାପା ମୋ ସହିତ ଗୋଟେ ସର୍ତ୍ତ ରଖିଥିଲେ। ସେ କହିଥିଲେ, ତୁ ଯାହା କରୁଛୁ କର ହେଲେ ପାଠପଢ଼ାରେ ତୋର ଯେମିତି ହେଳା ନ ହୁଏ କି ପରୀକ୍ଷାରେ ୮୦% ରୁ କମ୍ ମାର୍କ ନ ରୁହେ। ଯେଉଁଦିନ ତୋର କିଛି ଖିଲାପ୍ ଦେଖିବି, ସେଦିନଠୁ ତୋ ଅଭିନୟ ନାଚ ସବୁ ବନ୍ଦ କରିଦେବି। ସେଥିପାଇଁ ଅଭିନୟ ସହିତ ପାଠପଢ଼ାକୁ ବି ମୁଁ ଖୁବ୍ ଗୁରୁତ୍ୱ ଦେଉଥିଲି। ଆଉ ବାପାଙ୍କ ସର୍ତ୍ତ ଅନୁଯାୟୀ, କ୍ୟାରିୟରରେ ମୁଁ ସବୁବେଳେ ୮୦% ରୁ ଅଧିକ ମାର୍କ ରଖୁଥିଲି। ଏହିପରି ଭାବେ ଯୁକ୍ତ ୨ ଆଉ ତା'ପରେ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲି କମ୍ୟୁନିକେଶନ୍‌ରେ ଇଞ୍ଜିନିୟରିଂ ପଢ଼ା ସାରିଥିଲି। ସେତେବେଳକୁ ମୁଁ କେବଳ ଆଲବମ୍ ଆଉ ଷ୍ଟେଜ୍ ପ୍ରୋଗ୍ରାମ ହିଁ କରୁଥାଏ। ଏହି ସମୟରେ ମୋତେ ନ୍ୟାଶନାଲ ଇନ୍‌ଫରମେଟିକ୍ସ ସେଣ୍ଟରରେ ଚାକିରି କରିବାର ସୁଯୋଗ ମିଳିଲା। ମାତ୍ର ୪/୫ ମାସ ଏଠି ଚାକିରି କରିବା ପରେ ହଠାତ୍ ଏକ ଷ୍ଟେଜ୍ ପ୍ରୋଗ୍ରାମରେ ମୋ ପରଫରମାନ୍ସକୁ ଦେଖି ନିର୍ଦ୍ଦେଶକ ହର ପଟ୍ଟନାୟକ ମୋତେ 'ପାଗଳପ୍ରେମୀ' ଫିଲ୍ମରେ ଅଫର୍ ଦେଇଥିଲେ। ଏହି ଫିଲ୍ମ ହିଁ ମୋ ଜୀବନର ଗତିପଥକୁ ବଦଳାଇ ଦେଲା। ଏହାର ପ୍ରିମିୟର୍ ଶୋ'କୁ ବାପା ଯାଇଥାନ୍ତି। ସେଠାରେ ଦର୍ଶକଙ୍କର ମୋ ପ୍ରତି ସ୍ନେହ, ଆଦର ଓ ମୋ ଅଭିନୟକୁ ପ୍ରଶଂସା କରୁଥିବାର ଦେଖି ତାଙ୍କ ମନ ଟିକେ ବଦଳି ଯାଇଥିଲା। ତା ପରଠୁ ସେ ମୋତେ ଅଭିନୟ କରିବା ପାଇଁ ପୂରା ସପୋର୍ଟ କରିଥିଲେ। ସେବେଠାରୁ ମୁଁ ଆଉ ପଛକୁ ଫେରି ଚାହିଁନି। ବ୍ୟସ୍ତତା ଭିତରେ ଚାକିରି ପ୍ରତି ଆଉ ଧ୍ୟାନ ନ ଦେଇ ପାରିବାରୁ ବାଧ୍ୟହୋଇ ଚାକିରି ଛାଡ଼ିଦେଲି। ତେବେ ଏହି 'ପାଗଳପ୍ରେମୀ' ଫିଲ୍ମରୁ ମୋତେ ଭଲ ପାରିଶ୍ରମିକ ମିଳିଥିଲା। ଯେଉଁଥିରେ ବାପା, ବୋଉ ତଥା ସବୁ ସମ୍ପର୍କୀୟଙ୍କ ପାଇଁ ନୂଆ ଲୁଗା କିଣିଥିଲି। ତା'ସହିତ ଭୁବନେଶ୍ୱରର ଏକ ଅନାଥାଶ୍ରମର ଅନ୍ତେବାସୀଙ୍କ ପାଇଁ ଗୋଟେ ଦିନ ମଧ୍ୟାହ୍ନ ଭୋଜନର ଆୟୋଜନ କରିଥିଲି। ଏଥିସହିତ କିଛିଦିନ ପୂର୍ବରୁ ମୋର ଗୋଟେ ବାଇକ୍ କିଣା ହୋଇଥିଲା, ଯାହାର ଲୋନ୍ ମୁଁ ଏହି ଟଙ୍କାରେ ଶୁଝିଥିଲି। ଆଉ ବାକି ଯାହା ଟଙ୍କା ବଳିଥିଲା ତାକୁ ସଞ୍ଚୟ କରିଥିଲି। ଏମିତି ଭାବେ ଫିଲ୍ମର ପ୍ରଥମ ପାରିଶ୍ରମିକକୁ ମୁଁ ଖର୍ଚ୍ଚ କରିଥିଲି।



**ଅଭିନେତା ସବ୍ୟସାଚୀ ମିଶ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

-ଅନ୍ମିତା

## ସାଥୀ



# ଲାଜୁଆ ହସକୁ ଚୋରା ଚାହାଣୀ, ରଙ୍ଗିଲା ମନକୁ ନେଇଛି କିଣି

**ପ୍ରଶ୍ନ**-ଆଜିକାଲି ଝିଅମାନଙ୍କୁ ପ୍ରେମ ଜାଲରେ ଫସାଇବା ସହଜ ନୁହେଁ। କାହିଁକି ? *-ପ୍ରତାପ ସାହୁ, କଟକ*

**ଉତ୍ତର :** ଜଣେ ସୁନ୍ଦରୀ ମନକୁ ଜିଣିବା ସହଜ ନୁହେଁ। ପୁଣି ତାହାର କାଇଦା ଅଛି। କେବଳ 'ଆଇ ଲଭ୍ ୟୁ' କହିଦେଲେ ଯେ ଜଣେ ଝିଅ ଫସିଯିବ ଆଉ ନିଜ ପ୍ରେମର ଗାଡି ଆଗକୁ ଗଡିବ ସେପରି ଭାବିବା ଭୁଲ। କାରଣ ସେହି ଝିଅର ମନର ପରିଭାଷାକୁ ଭଲ ଭାବରେ ପଢ଼ନ୍ତୁ। ବେଳକାଳ ଦେଖି ଏମିତି ପ୍ରପୋଜ କରନ୍ତୁ ଯେମିତି ବହି ଏକାଥରେ ଫିଟ୍ ହୋଇଯିବ। ଏଥିରେ ତରବର ହେଲେ ସବୁକିଛି ଓଲଟ ପାଲଟ ହୋଇଯାଇପାରେ। ତେଣୁ ଦେଖିଚାହିଁ ତୀର ମାରନ୍ତୁ। ଯଦି ପାଣିପାଗ ଠିକ୍ ଅଛି ତେବେ ଜିତାପଟ ଆପଣଙ୍କର ବୋଲି ଭାବି ନିଅନ୍ତୁ ନା !

**ପ୍ରଶ୍ନ**-ଜଣେ ଝିଅ ମୋତେ ସତରେ ଭଲ ପାଉଛି କି ନାହିଁ କେମିତି ଜାଣିବି ? *-ତପନ କୁମାର ରାଉତ, ବଲାଙ୍ଗୀର*

**ଉତ୍ତର :** ସେ ଝିଅ ଯଦି ଆପଣଙ୍କୁ ମନ ପ୍ରାଣ ଦେଇ ଭଲ ପାଉଛି ତେବେ ତାହା ଉପରେ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯଦି 'କିନ୍ତୁ, କାହିଁକି' ପରି ପ୍ରଶ୍ନ ମନରେ ଉଠିଲା ତେବେ ଏହାର ପାଣିପାଗ ଗୋଳିଆ ହୋଇଯାଇଥାଏ। ସେହି ଝିଅର ଲାଜୁଆ ହସରେ ଆପଣଙ୍କ ପ୍ରେମ କେତେ ଗାଢ଼ ତାହା ଜଣାପଡିଯାଇଥାଏ। କାରଣ ସେହି ହସ ହିଁ ଆପଣଙ୍କ ରଙ୍ଗୀଲା ମନକୁ କିଣି ନେଇଛି। 'ଲାଜୁଆ ହସକୁ ଚୋରା ଚାହାଣୀ, ରଙ୍ଗିଲା ମନକୁ ନେଇଛି କିଣି'। ପ୍ରେମରେ ବିଶ୍ୱାସ ବଡ କଥା। ତାକୁ ନେଇ ପରୀକ୍ଷା ନିରୀକ୍ଷା କଲେ ଫଳ ଓଲଟା ହେବାର ସମ୍ଭାବନା ରହିଛି।

**ପ୍ରଶ୍ନ**-ମୁଁ ଯାହାକୁ ପ୍ରପୋଜ କରୁଛି ସେ ମୁହଁ ମୋଡି ଚାଲି ଯାଉଛି। ମୋତେ କ'ଣ ମୋର ମନର ମାନସୀ ମିଳିବେ ନାହିଁ ? *-ଦିବାକର, ସୁନାବେଡା*

**ଉତ୍ତର :** କିଏ କହିଲା ମିଳିବେ ନାହିଁ ? ଜଣେ ଝିଅକୁ ଆଖିବୁଜି ପ୍ରେପୋଜ କରିବା ନିଶା ପ୍ରଥମେ ମନକୁ ଉତାରି ଦିଅନ୍ତୁ। କେବଳ ସେଥିପାଇଁ ଯାହାକୁ ପ୍ରପୋଜ କରୁଛନ୍ତି ସେ ମୁହଁ ମୋଡି ଚାଲିଯାଉଛି। ପ୍ରେମର ଅସଲ ଫର୍ମୁଲା ସବୁବେଳେ ଆପ୍ଲାଏ କରନ୍ତୁ। ସୁନ୍ଦରୀ ମନକୁ ଜିଣିବାକୁ ମଗଜ ଖଟାଇବାକୁ ପଡିଥାଏ। ବାସ୍, ବୁଦ୍ଧି ଖଟାଇ ନିଜର ମନର ମାନସୀକୁ ପାଇବାକୁ ବାହାରି ପଡନ୍ତୁ। ଯଦି ସବୁ କିଛି ଠିକ୍ ଠାକ୍ ରହିଲା ତେବେ ଯେ କୌଣସି ସମୟରେ ଆପଣଙ୍କର ମନର ମାନସୀ ଆପଣଙ୍କୁ ମିଳିଯାଇପାରେ।

**ପ୍ରଶ୍ନ**-ମୋ ସାଙ୍ଗ କଥାରେ ବିଶ୍ୱାସ କରି ଜଣେ ସୁନ୍ଦରୀକୁ ପ୍ରେମ କରିବସିଲି। ସେ ମଧ୍ୟ ମୋତେ ଭଲ ପାଉଥିଲା। ହେଲେ ଏବେ ଦେଖିଲା ବେଳକୁ ସେ ମୋ ସାଙ୍ଗକୁ ଭଲ ପାଉଛି। ବର୍ତ୍ତମାନ ମୁଁ କ'ଣ କରିବି ଜାଣିପାରୁନାହିଁ। *-ତନ୍ମୟ ସାହୁ, ବ୍ରହ୍ମପୁର*

**ଉତ୍ତର :** ଆପଣଙ୍କ ପ୍ରେମ ବୋଧହୁଏ ଯେଉଁ ଭିତ୍ତିଭୂମି ଉପରେ ଠିଆ ହୋଇଛି ସେଥିରେ ବିଶ୍ୱାସର ମସଲା କମ୍ ରହିଛି। ନ ହେଲେ ସେ କେମିତି ଆପଣଙ୍କୁ ଅଧାବାଟରେ ଛାଡି ଆପଣଙ୍କ ସାଙ୍ଗକୁ ମନ ଦେଇଛନ୍ତି ? ଆପଣଙ୍କ ପ୍ରେମରେ ବୋଧହୁଏ ବିଶ୍ୱାସ କମ୍ ଛଳନା ବେଶୀ ରହିଛି। ତେଣୁ ଆଉ ସେପରି ପଙ୍କିଳ ପ୍ରେମରେ ଉବୁଟୁବୁ ନ ହୋଇ ସେପରି ନାଟକର ଯେତେଶୀଘ୍ର ଯବନିକା ଟାଣିବେ ତାହା ସେତେ ଭଲ ହେବ।

# ଖାଇବା ପୂର୍ବରୁ ଭାବନ୍ତୁ





**ଆମେ ଦୈନନ୍ଦିନ ଜୀବନରେ ବିଭିନ୍ନ ପ୍ରକାର ଖାଦ୍ୟ ଖାଇଥାଉ । କିନ୍ତୁ ଅନେକ ସମୟରେ ଆମେ ଖାଦ୍ୟ ଖାଇବା ପରେ ଅସୁସ୍ଥ ଅନୁଭବ କରିଥାଉ। କାରଣ ଏମିତି ସବୁ ଖାଦ୍ୟ ରହିଛି ଯାହାକୁ ଏକ ସମୟରେ ଖାଇଲେ ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଦେଖାଦେବା ସହ ଅନେକ ସମୟରେ ମୃତ୍ୟୁର କାରଣ ମଧ୍ୟ ସାଜିପାରେ ...**



**କୋଲ୍ଡଡ୍ରିଙ୍କ୍ସ ସହିତ ମିଣ୍ଟ–** ହୋଟେଲ୍‌ରେ ଖାଇବା ପରେ ମସଲା କୋଲ୍ଡଡ୍ରିଙ୍କ୍ସ (ବିଶେଷ କରି ପୋଦିନା, ଲେମ୍ବୁ ପଞ୍ଚ) ପିଇବାର ଚାର୍ମ ଅଲଗା। ଯଦି ଆପଣଙ୍କର ବି ଏହି ଅଭ୍ୟାସ ରହିଛି ତେବେ ସତର୍କ ହୋଇଯାଆନ୍ତୁ, କାରଣ କୋଲ୍ଡଡ୍ରିଙ୍କ୍ସ ସହିତ ପୋଦିନା ମିଶିବା ଦ୍ୱାରା ପ୍ରସ୍ତୁତ ହେଉଥିବା ସାଇନାଇଡ୍ ଏକ ପ୍ରକାର ବିଷ ଯାହାଦ୍ୱାରା ମୃତ୍ୟୁର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ। ଏମିତିକି କୋଲ୍ଡଡ୍ରିଙ୍କ୍ସ ପିଇବାର ତୁରନ୍ତ ପରେ ପୋଦିନା ବା ମିଣ୍ଟଯୁକ୍ତ ଚ୍ୱିଙ୍ଗ୍‌ଗମ୍ କିମ୍ବା ପାନ ମସଲା ମଧ୍ୟ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ।

**ଭେଣ୍ଡି ସହ କଲରା ଓ ମୂଳା –** ଭେଣ୍ଡିରେ ତିଆରି ଖାଦ୍ୟ ଖାଇବା ସହ କେବେ ବି କଲରା ଓ ମୂଳା ଖାଆନ୍ତୁ ନାହିଁ । ଭେଣ୍ଡି ସହ କଲରା ଖାଇଲେ ଏହା ପେଟ ଭିତରେ ବିଷ ହୋଇ ଯିବାର ଆଶଙ୍କା ରହିଛି। ଏହା ମୃତ୍ୟୁର କାରଣ ମଧ୍ୟ ହୋଇପାରେ । ଆଉ ଭେଣ୍ଡି ସହ ମୂଳା ଖାଇଲେ ଏହା ଶରୀରରେ ଧଳା ଛଉ ଓ ବିଭିନ୍ନ ଚର୍ମରୋଗର କାରଣ ସାଜିଥାଏ ।

**ଫଳ ସହିତ ମାଂସ–** ଫଳ ଖାଇବା ପରେ ମିଲ୍ ବା ଫଳ ସହିତ ମିଲ୍‌ରେ ଶୁଖିଲା ଖାଦ୍ୟ, ମାଛ, ମାଂସ ବା ଆମିଷ ଜାତୀୟ ଖାଦ୍ୟ ଖାଇବା ଅନୁଚିତ। କାରଣ ଏହାଦ୍ୱାରା କିଛି ସମୟରେ ଆମର ପାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇଥାଏ ବା ଖାଦ୍ୟ ନଳୀରେ ଖାଦ୍ୟ ଅଟକିଯାଇ ଶ୍ୱାସରୁଦ୍ଧ କରିପାରେ । ଏହାଛଡା ବିଭିନ୍ନ ପ୍ରକାର ପେଟ ସମସ୍ୟା ମଧ୍ୟ ଦେଖାଦେଇଥାଏ ।

**ବର୍ଗର ଓ ଫ୍ରାଇଜ୍–** ଆମେ ସାଧାରଣତଃ ବର୍ଗର ସହ ଫ୍ରାଇଜ୍ ଖାଇଥାଉ। କିନ୍ତୁ ପ୍ରକୃତରେ ଏହି ଦୁଇଟି ଜିନିଷକୁ ଏକା ସହିତ ଖାଇବା ଉଚିତ ନୁହେଁ। ଏହି ଦୁଇଟି ଖାଦ୍ୟ ମେଦ ବଢେଇବା ସହିତ ବର୍ଗରର ପୁର ଓ  ଚିପ୍ସ ଦୁଇଟି ଯାକ ଡିପ୍ ଫ୍ରାଏ କରାଯାଇ ଥିବାରୁ ଏହା ରକ୍ତରେ ଶର୍କରା ମାତ୍ରା ବଢାଇଥାଏ ଓ ଶରୀରକୁ ହାଲିଆ ଓ ନିଦୁଆ କରିଥାଏ ।

**ଫଳ ସହିତ ଦହି–** ଦହିରେ ଛୋଟ ଛୋଟ କଟା ହୋଇଥିବା ଫଳର କମ୍ବିନେଶନ ଦେଖିବାକୁ ଯେତିକି ମନଲୋଭା, ଖାଇବାକୁ ବି ସେତିକି ଟେଷ୍ଟି। ହେଲେ ଆପଣ ଜାଣନ୍ତିକି ଏହି କମ୍ବିନେଶନ ସ୍ୱାସ୍ଥ୍ୟ ପକ୍ଷେ ଆଦୌ ହିତକର ନୁହେଁ। କାରଣ ଉଭୟ ଅମ୍ଳଯୁକ୍ତ ଖାଦ୍ୟକୁ ମିଶାଇ ଖାଇବା ଦ୍ୱାରା ଶରୀରରେ ପ୍ରାକୃତିକ ଅମ୍ଳ କ୍ଷରଣ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହ ସାଇନସ୍ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାର ବି କାରଣ ସାଜିଥାଏ।

**ପେସ୍ତାବାଦମ ଓ ଅଲିଭ ତେଲ–** ପେସ୍ତାବାଦମ ଓ ଅଲିଭ ତେଲମିଶା ଖାଦ୍ୟ ଖାଇଲେ ଶରୀର ଅସୁସ୍ଥ ହେବାର ଆଶଙ୍କା ବେଶି । କାରଣ ବାଦାମରେ ଥିବା ପ୍ରୋଟିନ୍ ଓ ସାରାଂଶ ଅଲିଭ ତେଲ ସହିତ ମିଶେ ନାହିଁ । ତେଣୁ ଖାଦ୍ୟ ହଜମ ହେବାରେ ଅସୁବିଧା ହୋଇଥାଏ।

**କ୍ଷୀର ସହ ଦହି–** କେବେ ବି କ୍ଷୀର ସହ ଦହି ବା ଖଟା ଜିନିଷ ଖାଆନ୍ତୁ ନାହିଁ । କାରଣ ଏଥିରେ ଥିବା ଏସିଡ୍ ଯୋଗୁ ବାନ୍ତି ଓ ପେଟ ଖରାପ ହୋଇପାରେ ।

**ମାଛ ସହ କ୍ଷୀର–** ମାଛ ଖାଇବା ସହିତ ବା ପରେ କ୍ଷୀର ପିଇବା ଅନୁଚିତ । କାରଣ ଏହା ଯୋଗୁ ସଙ୍ଗେ ସଙ୍ଗେ ତ୍ୱଚା ରୋଗ, ଆଲର୍ଜି ଓ ଗ୍ୟାସ୍ ଆଦି ହୋଇଥାଏ ।

**କ୍ଷୀର ସହ କଲରା, ଲେମ୍ବୁ, ଲୁଣ –** କ୍ଷୀର ସହ କଲରା,ଲେମ୍ବୁ,ଲୁଣଆଦିମିଶେଇଖାଇବାଉଚିତନୁହେଁ। ଏହାଦ୍ୱାରା ଆଲର୍ଜି, କାଛୁକୁଣ୍ଡିଆ, ଚର୍ମରୋଗ ଆଦିର କାରଣ ହୋଇଥାଏ ।



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ସୋନା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ

## ହାଃ ହାଃ

### ନାରୀ ଶିକ୍ଷା

ସନ୍ତୋଷ ମନୋଜକୁ- ସରକାର କହୁଛନ୍ତି ଜଣେ ନାରୀ ପାଠ ପଢିଥିଲେ ସେ ଘରର ୪ ଜଣଙ୍କୁ ଶିକ୍ଷିତ କରାଇବେ। ତେଣୁ ନାରୀ ଶିକ୍ଷା ନିହାତି ଜରୁରୀ।

ମନୋଜ- ସତ କଥା ତ।

ସନ୍ତୋଷ- କି ସତ କଥା ? ଗୋଟିଏ ଝିଅ ପାଠ ପଢିବାବେଳେ ତା'ପାଇଁ ଯୋଉ ୧୦ଜଣ ଟୋକା ଫେଲ୍ ହେଉଛନ୍ତି, ସେ କଥା ପ୍ରତି ଗୁରୁତ୍ୱ ଦେବା କଥା କି ନାଇଁ ?

### ଚପଲ

ମା' ପୁଅକୁ- ସୋଫା ବସିବା ପାଇଁ, ଶୋଇବା ପାଇଁ ନୁହଁ। ଠିକ୍‌ରେ ବସ।

ପୁଅ- ମା' ଚପଲ ବି ପାଦରେ ପିନ୍ଧିବା ପାଇଁ, ମାରିବା ପାଇଁ ନୁହଁ। ପ୍ରଥମେ ତମେ ବି ଏଇଟା ବୁଝ।

### ଓଡ଼ିଆ

ଝିଅ ଦେଖିବାକୁ ଆସିଥିବା ମହିଳା ଓଡିଆ ଶିକ୍ଷକ ଥିଲେ। ତେଣୁ ସେ ଝିଅ ଘର ଲୋକଙ୍କୁ କହିଲେ- ଓଡ଼ିଆରେ ଆପଣଙ୍କ ଝିଅ କେତେ ଦକ୍ଷ ତାହା ଦେଖିବା ପରେ ଯାଇ ବୋହୂ କରିବି କି ନାଇଁ ନିଷ୍ପତ୍ତି ନେବି।

ମହିଳା ଝିଅକୁ- ଝିଅ ତୁମର ଶିକ୍ଷାଗତ ଯୋଗ୍ୟତା କ'ଣ ?

ଝିଅ- ନେତ୍ର ନେତ୍ର ଟା'।


ମହିଳା- ବୁଝି ପାରିଲିନି ।

ଝିଅ-ଆଇ ଆଇ ଟି।

## ଐତିହାସିକ ପର୍ଯ୍ୟଟନସ୍ଥଳୀ

# ମଧ୍ୟପ୍ରଦେଶ







**ପ୍ରାକୃତିକ, ସାଂସ୍କୃତିକ ତଥା ଐତିହାସିକ ଦୃଷ୍ଟି କୋଣରୁ ଦେଖିଲେ ମଧ୍ୟପ୍ରଦେଶ ଭାରତର ଏକ ସୁନ୍ଦର ରାଜ୍ୟ ଭାବେ ଜଣାଯାଇଥାଏ। ପର୍ଯ୍ୟଟନ ପାଇଁ ବି ଏଠାରେ ଭରପୂର ସୁଯୋଗ ରହିଛି। ଆକର୍ଷଣୀୟ ଝରଣାର ଦୃଶ୍ୟ ସାଙ୍ଗକୁ ପାହାଡ଼ ପର୍ବତର ସୌନ୍ଦର୍ଯ୍ୟ ତଥା ଐତିହାସିକ ସ୍ମାରକୀ ଓ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନଗୁଡ଼ିକୁ ଦେଖିବା ପାଇଁ ଏଠାରେ ସବୁବେଳେ ପର୍ଯ୍ୟଟକଙ୍କର ଭିଡ଼ ଲାଗି ରହିଥାଏ...**

କରୋନା ମହାମାରୀ ପାଇଁ ଦୀର୍ଘଦିନର ବ୍ୟବଧାନ ପରେ ମଧ୍ୟପ୍ରଦେଶ ବି ପୁଣିଥରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ଆରମ୍ଭ କରିଦେଇଛି। ତେବେ ମଧ୍ୟପ୍ରଦେଶ ହେଉଛି ଭାରତର ଏମିତି ଏକ ରାଜ୍ୟ, ଯାହା ନିଜର ଐତିହାସିକ ସ୍ମାରକୀ, ମନ୍ଦିର ତଥା ଆକର୍ଷଣୀୟ ଦୁର୍ଗ ଓ ମହଲ ଦ୍ୱାରା ଆଗନ୍ତୁକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ତା'ଛଡା ଏଠାରେ ଅନେକ ଜାତୀୟ ଉଦ୍ୟାନ ଏବଂ ବନ୍ୟପ୍ରାଣୀ ଅଭୟାରଣ୍ୟ ବି ରହିଛି, ଯେଉଁଠାରେ ଆଗନ୍ତୁକ ବିଭିନ୍ନ ପ୍ରକାର ଲୁପ୍ତପ୍ରାୟ ପଶୁପକ୍ଷୀ ତଥା ବୃକ୍ଷଲତା ଦେଖିବାର ସୁଯୋଗ ପାଇପାରିବେ।

### ପ୍ରମୁଖ ପର୍ଯ୍ୟଟନସ୍ଥଳୀ

ମଧ୍ୟପ୍ରଦେଶରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ରହିଛି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ଯେମିତିକି –

**ଖଜୁରାହୋ:** ମଧ୍ୟପ୍ରଦେଶର ଛତରପୁର ଜିଲାରେ ଅବସ୍ଥିତ ବିଶ୍ୱ ପ୍ରସିଦ୍ଧ ଖଜୁରାହୋ ଭାରତୀୟ ବାସ୍ତୁକଳା ତଥା ସଂସ୍କୃତିର ଏକ ଅପୂର୍ବ ଉଦାହରଣ । ଖାସ୍ କରି ଏଠାକାର ହିନ୍ଦୁ ଓ ଜୈନ ମନ୍ଦିରର ବାସ୍ତୁକଳା ପ୍ରେମର ଏକ ନିଚ୍ଛକ ରୂପକୁ ଦର୍ଶାଇଥାଏ।

**ସାଞ୍ଚି:** ଏହା ମଧ୍ୟପ୍ରଦେଶର ଏକ ବିଖ୍ୟାତ ବୌଦ୍ଧ ତୀର୍ଥସ୍ଥଳୀ ଭାବେ ଜଣାଶୁଣା। ଏଠାରେ ବୌଦ୍ଧଧର୍ମ ସମ୍ପର୍କରେ ଅନେକ ତଥ୍ୟ ତଥା ନିଆରା ବାସ୍ତୁକଳା ଦେଖିବାକୁ ମିଳିଥାଏ।

**ଉଜ୍ଜୈନ:** ଏହା ସେଠାକାର ଏକ ପ୍ରମୁଖ ଦର୍ଶନୀୟସ୍ଥାନ ଭାବେ ଜଣାଯାଇଥାଏ। ଏଠାରେ ଅନେକ ମନ୍ଦିର ଦେଖିବାକୁ ମିଳିଥାଏ। ତନ୍ମଧ୍ୟରୁ ମହାକାଳେଶ୍ୱର ଜ୍ୟୋତିର୍ଲିଙ୍ଗ ମନ୍ଦିର ହେଉଛି ଅନ୍ୟତମ। ଏହା ଦେଶରେ ଦେଖିବାକୁ ମିଳୁଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ। ତା'ଛଡା କୁମ୍ଭମେଳା ପାଇଁ ବି ଏହି ସ୍ଥାନ ବେଶ୍ ଲୋକପ୍ରିୟତା ହାସଲ କରିପାରିଛି।


**ଗ୍ୱାଲିୟର୍:** ଏହା ସ୍ଥାନୀୟ ଏକ ଐତିହାସିକ ସହର, ଯେଉଁଠାରେ ଅନେକ ଦୁର୍ଗ, ଐତିହାସିକ ସ୍ମାରକୀ, ମହଲ ତଥା ମନ୍ଦିର ଇତ୍ୟାଦି ଦେଖିବାକୁ ମିଳିଥାଏ। ଏଠାକୁ ବୁଲିଗଲେ ଗୌରବଶାଳୀ ଅତୀତ ସମ୍ପର୍କରେ ଅନେକ କିଛି ଜାଣିହୁଏ।


**ପଞ୍ଚମଢ଼ୀ:** ଏହା ଏକ ଶୈଳନିବାସ, ଯାହାକୁ କେହି କେହି 'କୁଇନ୍ ଅଫ୍ ସତପୁରା' ବୋଲି ମଧ୍ୟ କହିଥାନ୍ତି। ତଥ୍ୟ ଅନୁଯାୟୀ, ନିର୍ବାସନ ସମୟରେ ପଞ୍ଚୁ ପାଣ୍ଡବ ଏଠାରେ କିଛି ସମୟ ବିତାଇଥିଲେ ଏବଂ ଏଠାରେ ପାଞ୍ଚଟି ଗୁମ୍ଫା ବି ନିର୍ମାଣ କରିଥିଲେ। ଯେଉଁଥିପାଇଁ ପରବର୍ତ୍ତୀ ସମୟରେ ଏହି ସ୍ଥାନଟି ପଞ୍ଚମଢ଼ୀ ନାମରେ ନାମିତ ହୋଇଥିଲା।

ତେବେ କେବଳ ଏତିକି ନୁହେଁ, ମଧ୍ୟପ୍ରଦେଶରେ ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଆହୁରି ବି ଅନେକ ପର୍ଯ୍ୟଟନ ସ୍ଥଳୀମାନ ରହିଛି, ଯେମିତିକି : ଭେଡାଘାଟ, ଅମରକଣ୍ଟକ, ଭୋପାଲ୍, ଆଲାମପୁର୍ ଇତ୍ୟାଦି ଅନ୍ୟତମ।

**ଲୋକପ୍ରିୟ ଭୋଜନ :** ଏଠାରେ ଉଭୟ ଶାକାହାରୀ ଓ ମାସାଂହାରୀ ବ୍ୟଞ୍ଜନ ଖାଇବାକୁ ମିଳିଥାଏ। ତେବେ ଏଠାକାର ପ୍ରସିଦ୍ଧ ବ୍ୟଞ୍ଜନ ମଧ୍ୟରେ ପୋହା ଜଲେବି, ଦାଲ୍ ବାଫଲା, କୋରମା, ବିରିଆନି, କବାବ୍, ଦାଲ୍ ଚାୱଲ୍ ଇତ୍ୟାଦି ହେଉଛି ଅନ୍ୟତମ।

**ଜାଣିବା କଥା:** ପର୍ଯ୍ୟଟକଙ୍କର ଆଗମନକୁ ଅନୁମତି ଦେବା ସହିତ ସ୍ଥାନୀୟ ସରକାର ମଧ୍ୟପ୍ରଦେଶର କିଛି ହୋଟେଲ୍ ଓ ରିସୋର୍ଟକୁ ବି ଖୋଲିବା ନିମନ୍ତେ ସର୍ତ୍ତାବଳୀ ଅନୁଯାୟୀ ଅନୁମତି ପ୍ରଦାନ କରିଛନ୍ତି। ତେଣୁ ଏଠାକୁ ବୁଲିଯିବା ପୂର୍ବରୁ କେଉଁ ହୋଟେଲ୍ ଓ ରିସୋର୍ଟ ଖୋଲା ରହିଛି ତା' ବିଷୟରେ ଠିକ୍ ତଥ୍ୟ ନେବା ସହିତ ଆଡଭାନ୍ସରେ ବୁକିଂ କରିନେବା ଲାଭଦାୟକ ହୋଇଥାଏ। କେବଳ ସେତିକି ନୁହେଁ କରୋନା ସମ୍ପର୍କିତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ନିୟମାବଳୀକୁ ମାନି ବୁଲାବୁଲି କଲେ ସଂକ୍ରମଣର ଭୟ ମଧ୍ୟ କମ୍ ରହିଥାଏ।








# ହାତୀର ବବ୍ କଟ୍ ହେୟାର୍

ବବ୍ କଟ୍ ହେୟାର୍ ଷ୍ଟାଇଲ୍ କରି ଯୁବତୀ ଓ ମହିଳାମାନେ ବେଶ୍ ଷ୍ଟାଇଲିଶ୍ ଲାଗନ୍ତି। ଏହି ହେୟାର ଷ୍ଟାଇଲ୍ ବହୁତ ପୁରୁଣା କିନ୍ତୁ ଆଜି ବି ଏହା ଫ୍ୟାଶନ୍‌ରେ ଅଛି। ହେଲେ କେବେ କୌଣସି ପ୍ରାଣୀ ଏଭଳି ହେୟାର ଷ୍ଟାଇଲ୍ କରିଥିବା କଥା ଜାଣି ନ ଥିବେ। ତାମିଲନାଡୁର ସେନଗାମ୍‌ଲମ୍‌ର ମୁନ୍ନାରଗୁଡିରେ ରାଜଗୋପାଲସ୍ୱାମୀ ମନ୍ଦିର ଅଛି, ଯେଉଁଠି ଥିବା ଏକ ମାଈହାତୀ ଏବେ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚିତ। କାରଣ ହେଉଛି ତା'ର ବବ୍ କଟ୍ ହେୟାର୍‌ଷ୍ଟାଇଲ୍। ଏହି ହେୟାର୍ ଷ୍ଟାଇଲ୍‌ରେ ହାତୀଟି ବେଶ୍ ସୁନ୍ଦର ଦେଖାଯାଏ। ଆଉ ଯିଏ ବି ତାକୁ ଦେଖେ ଘଡିଏ ଅନାଇ ରହିଯାଏ। ଏହି ମନ୍ଦିରକୁ ଯିଏ ବି ଆସନ୍ତି ଏହି ସୁନ୍ଦର ହାତୀ ସହ ଫଟୋ ଉଠାନ୍ତି। ହାତୀର ଯତ୍ନ ନେଉଥିବା ମାହୁନ୍ତ ରାଜଗୋପାଲ କହନ୍ତି, 'ମୁଁ ହାତୀଟିକୁ ନିଜ ସନ୍ତାନ ଭଳି ଭଲ ପାଏ। ତେଣୁ ତାକୁ କିଛି ଖାସ୍ ଲୁକ୍ ଦେବାକୁ ଚାହୁଁଥିଲି। ଆଉ ଏହି ବବ୍ କଟ୍ କରେଇଲି। ତେବେ ଏଥିପାଇଁ ପ୍ରଥମେ ତା' କେଶ ବଢାଇବା ଲାଗି କିଛି ଖାସ୍ ପଦକ୍ଷେପ ନେଇଥିଲି। କେଶ ସଫା ରଖିବା ଲାଗି ଖରାଦିନେ ମୁଁ ହାତୀର କେଶକୁ ୩ ଥର ଧୋଇଥାଏ। ଆଉ ଅନ୍ୟ ଋତୁରେ କେଶକୁ ଥରେ ଭଲରେ ସଫା କରିଥାଏ।'







## କାର୍ଟୁନ କର୍ନର



# ଆକାଶଦୀପ



ଭାରତୀୟ ସଂସ୍କୃତିରେ କୌଣସି ଧାର୍ମିକ ଓ ସାମାଜିକ କାର୍ଯ୍ୟର ଆରମ୍ଭରେ ପ୍ରଥମେ ଦୀପ ପ୍ରଜ୍ୱଳନ କରାଯାଇଥାଏ । ସାଧାରଣତଃ ଦେବୀଦେବତାଙ୍କ କୃପାଲାଭ ଉଦ୍ଦେଶ୍ୟରେ ସକାଳେ ଓ ସନ୍ଧ୍ୟାରେ ଦୀପ ପ୍ରଜ୍ୱଳନ କରାଯାଏ । ମାତ୍ର କାର୍ତ୍ତିକ ମାସରେ ହବିଷିଆଳିମାନେ ତୁଳସୀ ଚଉଁରାମୂଳେ ରାଇଦାମଦର ଓ ମା' ବୃନ୍ଦାବତୀଙ୍କୁ ପୂଜାର୍ଚ୍ଚନା କରିବା ସହିତ ସନ୍ଧ୍ୟାବେଳେ ଆକାଶ ଦୀପ ପ୍ରଜ୍ୱଳନ କରିଥାନ୍ତି । ଏହି ଦୀପ ସ୍ଥାପନାରେ ହିନ୍ଦୁଧର୍ମରେ ବିଶ୍ୱାସ ରହିଛି ପୂର୍ବଜଙ୍କ ଶୁଭଦୃଷ୍ଟି ରହିବା ସହ ଜୀବନରେ ସୁଖ ସମୃଦ୍ଧି ଆସିବ ।

ଦୀପ ମାଟି ହେଉ କି ପିତ୍ତଳର ଏଥିରେ ତୈଳ କିମ୍ବା ଘୃତ ରଖାଯାଇ ସେଥିରେ ଥିବା ସଳିତାରେ ଅଗ୍ନି ସଂଯୋଗ କରାଯାଇଥାଏ । କୁହାଯାଏ ଦୀପଦାନ ମହାପୁଣ୍ୟ । ଏହା ଆମ ସାମାଜିକ, ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟ ସହିତ ଜଡ଼ିତ । ବିଶେଷକରି ପବିତ୍ର କାର୍ତ୍ତିକ ମାସରେ ବ୍ରତଧାରୀମାନେ ପ୍ରାତଃ ସ୍ନାନ, ଜପ, ତପ, ଦାନ, ଧର୍ମ, କର୍ମ ଓ ଭୋଜନ ଆଦିରେ ପବିତ୍ରତା ଅବଲମ୍ବନ କରିଥାନ୍ତି । ରାଇଦାମଦର, ତୁଳସୀମାହାତ୍ମ୍ୟ ଓ ଭାଗବତ ଆଦି ପୁରାଣଶାସ୍ତ୍ର ଶୁଣନ୍ତି । ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି–ତୁଳସୀ ଚଉଁରାମୂଳେ ଦୀପଜଳେ । ହିନ୍ଦୁମାନଙ୍କର ବିଶ୍ୱାସ ଦୀପ ବ୍ରହ୍ମାଣ୍ଡର ଆଧାର । ଦୀପରେ ଥିବା ତୈଳ ବା ଘୃତ ହେଉଛି ଶକ୍ତି, ସଳିତା ହେଉଛି ବ୍ରହ୍ମ ଏବଂ ଏହି ବ୍ରହ୍ମରେ ଅଗ୍ନି ସଂଯୋଗକଲେ ଯେଉଁ ଆଲୋକ ସୃଷ୍ଟିକରେ ତାହା ଅଜ୍ଞାନରୂପକ ଅନ୍ଧାରକୁ ଦୂରକରେ । ସୃଷ୍ଟି ଯେଉଁ ପଞ୍ଚ ମହାଭୂତ ଉପରେ ପ୍ରତିଷ୍ଠିତ ସେଥିମଧ୍ୟରୁ ତେଜ ବା ଅଗ୍ନି ଅନ୍ୟତମ । ତେଣୁ କୌଣସି ମାଙ୍ଗଳିକ କାର୍ଯ୍ୟ ପୂର୍ବରୁ ବ୍ରହ୍ମସ୍ୱରୂପ ଅଗ୍ନିକୁ କେନ୍ଦ୍ରିଭୂତ କରିବା ପାଇଁ ଦୀପ ପ୍ରଜ୍ୱଳନ କରାଯାଇଥାଏ । ମାତ୍ର ଏହି ମାସରେ ପାଞ୍ଚ ପ୍ରକାରର ଦୀପ ଦାନ କରିବା ଶାସ୍ତ୍ରରେ ରହିଛି । ସେଗୁଡ଼ିକ ହେଲା– କୂଳଦୀପ, ଅଖଣ୍ଡଦୀପ, ଶିଖରଦୀପ, ମହାଦୀପ ଓ ଆକାଶଦୀପ । ଭଗବାନ ରୁଦ୍ରଙ୍କୁ ପ୍ରଣାମକରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଆକାଶଦୀପ ଜଳାଯାଇଥାଏ । ଏହି ମାସରେ ମନ୍ଦିରବେଢ଼ା, ତୁଳସୀଚଉଁରା ପାଶେ ଆକାଶଦୀପ ପ୍ରଜ୍ୱଳନ କରାଯାଇଥାଏ ।

**ଆକାଶଦୀପର ବିଧିବିଧାନ–:** କୁମାରପୂର୍ଣ୍ଣିମା ପରଠାରୁ କାର୍ତ୍ତିକ ପୂର୍ଣ୍ଣିମାଯାଏ ଏହି ମାସକୁ ଖୁବ୍ ପବିତ୍ର ଭାବରେ ଗଣାଯାଏ । ପୁରାଣ ବିଷାରଦ ମନୋରଞ୍ଜନ କର କୁହନ୍ତି, 'ଆକାଶଦୀପ ପ୍ରତିଷ୍ଠା ପାଇଁ ଏକ ଅଠର ହାତ ଲମ୍ବର ବାଉଁଶକୁ ସଂଗ୍ରହ କରାଯାଇଥାଏ । ବରକୋଳି ଡାଳ, ଗୁଆ, ହରିଡ଼ା, କଳା ମାଟିହାଣ୍ଡି, ଦଉଡ଼ି, ଦୀପ, ବାଲି, ସଳିତା, ଘିଅ ଆବଶ୍ୟକ ହୋଇଥାଏ । ମାଟି ହାଣ୍ଡିରେ ବିଧିଅନୁସାରେ ଏକୋଇଶଟି ରନ୍ଧ୍ର କରାଯାଇଥାଏ । ପ୍ରଥମେ ଦୀପକୁ ଗୃହକର୍ତ୍ତା କିମ୍ବା ପୂଜାରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ପରେ ସେହି ରନ୍ଧ୍ରଯୁକ୍ତ ମାଟିହାଣ୍ଡି ଭିତରେ ଦୀପ ସ୍ଥାପନ କରାଯାଇଥାଏ । ଦଉଡ଼ିରେ ବନ୍ଧା ଯାଇଥିବା ଶିକାରେ ଏହି ମାଟିହାଣ୍ଡିକୁ ରଖାଯାଇଥାଏ । ଭାଗବତପ୍ରେମୀ ହବିଷିଆଳିମାନେ ହୁଳହୁଳି ପକାଇ ଶଙ୍ଖଧ୍ୱନି,ଘଣ୍ଟ ବଜାଇ ଏହି ମାଟି ହାଣ୍ଡିକୁ ଘୋଡ଼ାଇ ରଖନ୍ତି । ତା' ପରେ ପୁରୋହିତ ଦଉଡ଼ି ସାହାଯ୍ୟରେ ଆକାଶ ଦୀପକୁ ବାଉଁଶର ଅଗ୍ରଭାଗକୁ ଉଠାଇଥାନ୍ତି । ଅଗ୍ରଭାଗରେ ନାଲିଛିଟକନା ଉପରେ କଉଡ଼ି, ଗୁଆ, ହରିଡ଼ା ଗୁଡ଼ାହୋଇ ବନ୍ଧା ହୋଇଥାଏ । ଅନ୍ଧାର ରାତିରେ ମାଟିହାଣ୍ଡି ଭିତରେ ଜଳୁଥିବା ଆକାଶ ଦୀପଟିର ଆଲୋକ ଶିଖା ବହୁ ଦୂରକୁ ମାଟିହାଣ୍ଡିର ରନ୍ଧ୍ର ଯୋଗୁ ଦିଶୁଥାଏ । ପ୍ରଜ୍ୱଳିତ ଦୀପଟି ଦୀର୍ଘ ସମୟ ଜଳିରହେ । ଏହି ଆକାଶ ଦୀପ ସ୍ଥାପନ ପିତୃ ପୁରୁଷଙ୍କ ପ୍ରତି ସମର୍ପିତ ଏକ ଦୀପ । ପବିତ୍ର କାର୍ତ୍ତିକ ମାସରେ ହବିଷିଆଳିମାନେ ତୁଳସୀ ଚଉରାମୂଳେ ପଞ୍ଚମୁରୁଜରେ ମଣ୍ଡଳକରି ଦୀପ ଆଲୋକ ପ୍ରଜ୍ୱଳନ କରିଥାନ୍ତି । ଆକାଶ ଦୀପ ପ୍ରଜ୍ୱଳନରେ ଦେବତାମାନେ ବି ସନ୍ତୁଷ୍ଟ ହୋଇଥାନ୍ତି । ମାତ୍ର ଆକାଶ ଦୀପକୁ ଝୁଲାଯାଇଥିବା ବାଉଁଶ ଉପରେ କାଳେ କୌଣସି ପକ୍ଷୀ ବସି ମଳତ୍ୟାଗ କରିବ ସେଥିରୁ ସୁରକ୍ଷା ପାଇଁ ବରକୋଳି ଡାଳ ବନ୍ଧାହୋଇଥାଏ ।

**ଆକାଶଦୀପ ବତିଖୁଣ୍ଟର ସଙ୍କେତ–:**ଅତୀତରେ ବହୁଳମାତ୍ରାରେ ଦୀପଆଲୋକର ବ୍ୟବହାର ଥିଲା । ଦେବୀପ୍ରସାଦ ପଟ୍ଟନାୟକ କୁହନ୍ତି ସେତେବେଳେ ସମୁଦ୍ରରେ ଆସୁଥିବା ସାଧବମାନଙ୍କ ବୋଇତକୁ ରାତିରେ ଦୂରରୁ ଏହି ଦୀପର ଆଲୋକ ଦିଗ ନିର୍ଣ୍ଣୟରେ ସହାୟକ ହୋଇପାରୁଥିଲା । ଏଥିଯୋଗୁ ସାଧବମାନେ ନିଜ ଅଞ୍ଚଳର ସ୍ଥଳଭାଗକୁ ଅନୁମାନ କରିପାରୁଥିଲେ । ସମୟକ୍ରମେ ଏହା ବତିଖୁଣ୍ଟ ଭାବେ ପରିଚିତ ହୋଇଥିବା ମନେହୁଏ । ଅନ୍ୟପକ୍ଷେ ଏହାର ବୈଜ୍ଞାନିକ କଥା ମଧ୍ୟ ରହିଛି । ଶୀତଋତୁରେ ଅଧିକମାତ୍ରାରେ ପୋକ ଉଡୁଥିବାରୁ ସେଗୁଡ଼ିକୁ ନଷ୍ଟ କରିବାରେ ଆକାଶଦୀପର ମଧ୍ୟ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି । ତେବେ ଆକାଶଦୀପ ଆମ ସଂସ୍କୃତିର ଏକ ଧାର୍ମିକ ସଙ୍କେତ । ଯାହା ଅନ୍ଧାରରୁ ଆଲୋକର ପଥ ପ୍ରଦର୍ଶନ କରିଥାଏ ।

**କାର୍ତ୍ତିକ ମାସରେ ହବିଷିଆଳିମାନେ ତୁଳସୀ ଚଉରାମୂଳେ ରାଇଦାମଦର ଓ ମା' ବୃନ୍ଦାବତୀଙ୍କୁ ପୂଜାର୍ଚ୍ଚନା କରିବା ସହିତ ସନ୍ଧ୍ୟାବେଳେ ଆକାଶ ଦୀପ ପ୍ରଜ୍ୱଳନ କରିଥାନ୍ତି। ଏହି ଦୀପ ସ୍ଥାପନାକୁ ନେଇ ହିନ୍ଦୁଧର୍ମରେ ବିଶ୍ୱାସ ରହିଛି ପୂର୍ବଜଙ୍କ ଶୁଭଦୃଷ୍ଟି ରହିବା ସହ ପରିବାରରେ ସୁଖ ସମୃଦ୍ଧି ଆସିବ...**

– **ବନବିହାରୀ**





ବ୍ୟାକ୍ ପେଜ୍

# ଅଜବ କଫିନ୍‌ର ଦେଶ

ଅନେକ ସମ୍ପ୍ରଦାୟରେ ମୃତ ବ୍ୟକ୍ତିଙ୍କୁ କଫିନ୍‌ରେ ରଖି କବର ଦିଆଯିବା ପରମ୍ପରା ରହିଛି। ଏହି କଫିନ୍ ବେଶ୍ ସାଧାରଣ ହୋଇଥାଏ। ଏହାକୁ ଦେଖିଲେ ମୃତ୍ୟୁର ଭୟ ଚାଲିଆସେ। ହେଲେ ଏମିତି ଏକ ଦେଶ ଅଛି, ଯେଉଁଠି ମୃତକଙ୍କ ପାଇଁ ଏଭଳି କଫିନ୍ ବ୍ୟବହାର କରାଯାଏ, ଯାହାକୁ ଦେଖିଲେ ବିଶ୍ୱାସ କରି ହେବନାହିଁ ତାହା କଫିନ୍ ବୋଲି। ପଶ୍ଚିମ ଆଫ୍ରିକାସ୍ଥିତ ଘାନାରେ ଦେଖିବାକୁ ମିଳେ ଅଜବ ଗଜବ କଫିନ୍। ଏଠାରେ କଫିନ୍ ମୃତକଙ୍କ ପରିବାରର ଷ୍ଟାଟସ୍‌କୁ ଦର୍ଶାଏ। ତେଣୁ କେବେ ବେଶ୍ ସୁନ୍ଦର ତ କେବେ ବେଶ୍ ଅଜବ ଡିଜାଇନ୍‌ର କଫିନ୍ ବ୍ୟବହାର କରାଯାଏ। ବିବିସିର ଏକ ରିପୋର୍ଟ ମୁତାବକ ଏଠାରେ ଅଜବ କଫିନ୍ ତିଆରି ପରମ୍ପରା କେଉଟ ସମ୍ପ୍ରଦାୟର ଲୋକଙ୍କଠାରୁ ଆସିଛି। ସେମାନେ ମୃତକଙ୍କ ପାଇଁ ମାଛ ଆକୃତିର କଫିନ୍ ତିଆରି କରୁଥିଲେ। ଏହାପରେ ବ୍ୟବସାୟୀମାନେ ଲକ୍ସୁରି ମର୍ସିଡିଜ୍ କାର୍ ଆକୃତିର କଫିନ୍ ବ୍ୟବହାର କରିବା ଆରମ୍ଭ କରିଥିଲେ ; ଯାହା କି ଷ୍ଟାଟସ୍‌କୁ ଦର୍ଶାଏ। ଏଠାରେ ଉଡାଜାହାଜ ଆକୃତିର କଫିନ୍ ବି ଦେଖିବାକୁ ମିଳେ। ୧୯୫୧ ମସିହା ପ୍ରଥମେ ଦୁଇଜଣ ଭାଇ ନିଜର ୯୧ ବର୍ଷୀୟା ମା' ପାଇଁ ଉଡାଜାହାଜ ଆକୃତିର କଫିନ୍ ତିଆରି କରିଥିଲେ। କଥା କ'ଣ କି ତାଙ୍କ ମା' କେବେ ବି ଉଡାଜାହାଜରେ ବସି ନ ଥିଲେ। ସବୁବେଳେ ସ୍ୱପ୍ନ ଦେଖୁଥିଲେ ଦିନେ ଉଡାଜାହାଜରେ ବସିବେ। ତେଣୁ ମା'ର ସ୍ୱପ୍ନ ପୂରଣ କରିବା ପାଇଁ ଏଭଳି ଆକୃତିର କଫିନ୍ ତିଆରି କରିଥିଲେ।



ଏବେ ଘାନାରେ ଆହୁରି ଅନେକ ପ୍ରକାରର ଅଜବ କଫିନ୍ ଦେଖିବାକୁ ମିଳୁଛି। ବିଦେଶରେ ବି ଘାନାର କଫିନ୍‌ର ଚାହିଦା ବଢିଛି। ଘାନା ବଜାରରେ ଏହି କଫିନ୍‌ର ମୂଲ୍ୟ ୭୦ ହଜାର ଟଙ୍କା ହେଉଥିବାବେଳେ ବିଦେଶରେ ଏହାର ମୂଲ୍ୟ ୭-୮ ଗୁଣ ବଢିଯାଏ।









# ଶୈତାନ ପରି ଦେଖାଯିବା ପାଇଁ...

ନିଜକୁ ସେ ଅର୍କ କହନ୍ତି, ଯେ କି ଏକ ଦୈତ୍ୟାକାର କାଳ୍ପନିକ ଚରିତ୍ର। ସେ ହେଉଛନ୍ତି ମାଟୋ ଗ୍ରୋସୋ ଦୁ ସୁଲ। ବ୍ରାଜିଲର ଇଗୁଆଟେମୀରେ ରୁହନ୍ତି। ପେସାରେ ସେ ଟାଟୁ ଆର୍ଟିଷ୍ଟ। ମାଟୋ





ଶରୀରରେ ପ୍ରଥମ ଟାଟୁ ୧୫ ବର୍ଷ ବୟସରେ କରିଥିଲେ। ସେବେଠାରୁ ଟାଟୁ କରିବା ଓ ବଡି ମୋଡିଫିକେସନ୍ କରାଇବା ନିଶା ତାଙ୍କ ମନରେ ଘର କରିଯାଇଥିଲା। ଏବେ ତାଙ୍କୁ ୪୧ ବର୍ଷ ବୟସ। ତାଙ୍କ ଶରୀରର ୮୦ ପ୍ରତିଶତ ଟାଟୁମୟ। କେବଳ ସେତିକି ନୁହେଁ, ଜିଭକୁ ଦୁଇ ଫାଳ କରାଇଛନ୍ତି, କାନକୁ କାଟିଛନ୍ତି, ଆଖିକୁ ସମ୍ପୂର୍ଣ୍ଣ କଳା ବି କରାଇଛନ୍ତି। ତେବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ ତାଙ୍କ ପାଟି। କାରଣ ତଳ ଦାନ୍ତରେ ସେ ପ୍ରତିରୋପଣ କରିଛନ୍ତି ହାତୀ ପରି ଦୁଇଟି ବଡ଼ ବଡ଼ ଦାନ୍ତ। ଯେମିତି କି ସେ କାଳ୍ପନିକ ଚରିତ୍ର ଶୈତାନ ଅର୍କ ପରି ଦେଖାଯିବେ। ଏଥିପାଇଁ ସେ ୩୦,୦୦୦ ଟଙ୍କା ଖର୍ଚ୍ଚ କରିଛନ୍ତି। ମାଟୋଙ୍କ ମୁହଁ ଏବେ ପୂରାପୂରି ଭୟଙ୍କର ଶୈତାନ ପରି ଲାଗୁଛି। ଏହି ଚେହେରାକୁ ନେଇ ସେ ସମ୍ପୂର୍ଣ୍ଣ ଖୁସି ଥିବାବେଳେ ତାଙ୍କ ସାଙ୍ଗସାଥୀ ଓ ପରିବାର ଏହାକୁ ଗ୍ରହଣ କରୁନାହାନ୍ତି। ହେଲେ ଏଥିପାଇଁ ସେ ନିଜ ଫ୍ୟାଶନ୍‌କୁ ଛାଡିବାକୁ ପ୍ରସ୍ତୁତ ନୁହନ୍ତି।





# ଆଁ କରି ଲକ୍ଷ ଲକ୍ଷ ରୋଜଗାର



ସବୁ ମଣିଷ ଭିତରେ କିଛି ନା କିଛି ଗୁଣ ଭରି ରହିଥାଏ। ତନ୍ମଧ୍ୟରେ କିଛି ଗୁଣ ସମସ୍ତଙ୍କୁ ଚକିତ କରାଇଦିଏ। ଯେମିତି କି ନିକଟରେ କନେକ୍ଟିକଟ୍‌ରେ ରହୁଥିବା ୩୦ ବର୍ଷୀୟା ସମନ୍ଥା ରାମ୍ସଡେଲ୍‌ଙ୍କର ଏକ ଗୁଣ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି। ଆଉ ଚର୍ଚ୍ଚାର କାରଣ ସାଜିଛି ତାଙ୍କ ପାଟି। ତାଙ୍କ ପାଟିକୁ ମିଳିଛି ପୃଥିବୀର ସବୁଠାରୁ ବଡ଼ ପାଟିର ମାନ୍ୟତା। ସେ ତାଙ୍କ ପାଟିକୁ ବହୁତ ବଡ଼ ଆକାରରେ ଖୋଲି ଆଁ କରିପାରନ୍ତି। ସମନ୍ଥାଙ୍କର ଟିକ୍‌ଟକ୍‌ରେ ଆକାଉଣ୍ଟ ଅଛି। ପ୍ରଥମେ ସେଥିରେ ସେ ନିଜର ଗୀତ ଓ ଅଭିନୟର ଭିଡିଓ ଅପ୍‌ଲୋଡ କରୁଥିଲେ। କିନ୍ତୁ ତାକୁ ସେତେଟା ଭଲ ରେସପନ୍ସ ମିଳୁ ନ ଥିଲା। କିନ୍ତୁ ଦିନେ ସେ ନିଜ ବଡ଼ ପାଟିର ଭିଡିଓ ଅପ୍‌ଲୋଡ କଲେ ଆଉ ଲୋକେ ତାକୁ ବେଶ୍ ଉତ୍ସୁକତାର ସହ ଦେଖିଲେ। ଏହାପରଠାରୁ ସେ ପାଟି ମେଲି ବିଭିନ୍ନ ଭିଡିଓ କଲେ। ଆଉ ଲୋକେ ପସନ୍ଦ ବି କଲେ। ଲକ୍ ଡାଉନ୍‌ରେ ତ ସେ ୭ ଲକ୍ଷ ୪୦ ହଜାର ଫଲୋୟର୍ସ ପାଇଛନ୍ତି। ସମନ୍ଥା ପେସାରେ ଜଣେ ମେଡିକାଲ ସେଲ୍ସ ରିପ୍ରେଜେଣ୍ଟେଟିଭ୍ । କିନ୍ତୁ ଏବେ ବଡ ମୁହଁ ଖୋଲି ୧୦ ସେକେଣ୍ଡର ଟିକ୍‌ଟକ୍ ଭିଡିଓ କରି ସେ ୧୧ ଲକ୍ଷ ପର୍ଯ୍ୟନ୍ତ ଆୟ କରୁଛନ୍ତି।